# ଗାନ୍ଧୀ ଗାଥାର ହେବ ଗନ୍ତାଘର


ବ୍ଲାକ ଡାଇମଣ୍ଡ ମଧ୍ୟରେ ପ୍ରସ୍ତୁତ ହେଉଥିବା ଅତ୍ୟାଧୁନିକ ସମ୍ମିଳନୀ କକ୍ଷର ମଡେଲ।

■ଶେଷ ପର୍ଯ୍ୟାୟରେ ବ୍ଲାକ୍ ଡାଇମଣ୍ଡ ନିର୍ମାଣ କାର୍ଯ୍ୟ
■ଖୁବ୍‌ଶୀଘ୍ର ଉଦ୍‌ଘାଟନ ନେଇ ପ୍ରଶାସନ ଆଶାବାଦୀ
■ସଂଗ୍ରହାଳୟ, ବିଶ୍ୱସ୍ତରୀୟ ପାଠାଗାରକୁ ନେଇ ଉତ୍ସାହ



ଅନୁଗୋଳ ଅଫିସ, ୨୯।୭
(ଅମିତ କୁମାର ସାମଲ)

'ବ୍ଲାକ ଡାଇମଣ୍ଡ'ରେ ଗୁଞ୍ଜରିତ ହେବ ବାପୁଙ୍କ ବାର୍ତ୍ତା। ଜାତିର ପିତାଙ୍କ ଜୀବନୀ, ନୀତି, ଆଦର୍ଶ ସମ୍ପର୍କରେ ଏଠାରୁ ଅଧିକ ଜାଣିବେ ଜଗତବାସୀ। ସ୍ୱାଧୀନତା ସଂଗ୍ରାମରେ ଏହି ମହାପୁରୁଷଙ୍କ ଅବିସ୍ମରଣୀୟ ଅବଦାନର ତଥ୍ୟ ରହିବ ଅନୁଗୋଳର ଗାନ୍ଧୀ ପ୍ରକୋଷ୍ଠରେ। ମହାତ୍ମାଙ୍କ ଉପରେ ବିଶ୍ୱରେ ଲିଖିତ ବିଭିନ୍ନ ପୁସ୍ତକ ଏଠାରେ ପାଇପାରିବେ ପର୍ଯ୍ୟଟକ। ଅନୁଗୋଳର ଐତିହ୍ୟକୁ ଆଲୋକିତ କରିବାକୁ ଯାଉଥିବା 'ବ୍ଲାକ ଡାଇମଣ୍ଡ' ଗାନ୍ଧୀ ଗାଥାର ଏକ ଗନ୍ତାଘର ହେବ। ହୁଲୁରିସିଂହାଠାରେ ନିର୍ମାଣର ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ଏହି ସଂଗ୍ରହାଳୟ ଓ ବିଶ୍ୱସ୍ତରୀୟ ଲାଇବ୍ରେରି ଖୁବ୍‌ଶୀଘ୍ର ଉଦ୍‌ଘାଟନ ହେବ ବୋଲି ଅନୁଗୋଳ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି।

କୋଇଲା ଆକୃତିର ଏହି ଦୁଇ ମହଲା ବିଶିଷ୍ଟ ବ୍ଲାକ ଡାଇମଣ୍ଡର ପ୍ରଥମ ମହଲାରେ ଥିବା ସଂଗ୍ରହାଳୟରେ ଅନୁଗୋଳର କଳା, ସଂସ୍କୃତି, ସାହିତ୍ୟ ଓ ଐତିହ୍ୟକୁ ସାଇତି ରଖାଯିବ। ଅତୀତରେ ଅନୁଗୋଳର ବିଭିନ୍ନ ଗଡ଼ଜାତରେ ରାଜୁତି କରୁଥିବା ରାଜାଙ୍କ ପ୍ରତିମୂର୍ତ୍ତି ଏଥିରେ ସ୍ଥାନ ପାଇବ। ଅନୁଗୋଳର ମାଟି ତଳୁ ବାହାରିଥିବା ପ୍ରାଚୀନ ତାମ୍ର ଫଳକ, ବୁଦ୍ଧମୂର୍ତ୍ତି, ପ୍ରସ୍ତର ଯୁଗର ସାମଗ୍ରୀ, କାରୁକାର୍ଯ୍ୟ ଆଦିକୁ ରଖାଯାଇ ପ୍ରଦର୍ଶିତ କରାଯିବ। ରାଜା, ପାଇକଙ୍କ ଦ୍ୱାରା ବ୍ୟବହୃତ ଅସ୍ତ୍ରଶସ୍ତ୍ର ବର୍ଚ୍ଛା, ୭ ପ୍ରକାରର ଖଣ୍ଡା, ଛୁରି, ଢାଲ, ତରୱାଲ ଆଦି ରଖାଯିବ। ଅନୁଗୋଳ, ତାଳଚେର, ଆଠମଲ୍ଲିକ ଓ ପାଲଲହଡ଼ା ରାଜ ପ୍ରାସାଦର ବିଭିନ୍ନ ସାମଗ୍ରୀ, ପୋଷାକ ସଂଗ୍ରହାଳୟର ଶୋଭା ବଢ଼ାଇବା ସହ ଶିକ୍ଷା କ୍ଷେତ୍ରରେ ସହାୟକ ହୋଇପାରିବ, ଯାହାକି ଆଗାମୀ ପିଢ଼ି ପାଇଁ ଗର୍ବ ଓ ଗୌରବର ବିଷୟ ହେବ। ସେହିପରି ଅନୁଗୋଳରେ ବ୍ରିଟିଶ ଶାସନ ଠାରୁ ଆରମ୍ଭ କରି ସ୍ୱାଧୀନତା ସଂଗ୍ରାମ, ପ୍ରଜାମଣ୍ଡଳ ଆନ୍ଦୋଳନ ସମ୍ପର୍କରେ ତଥ୍ୟ ସାଇତି ରଖାଯିବ। ଜିଲାର ବରପୁତ୍ରମାନଙ୍କ ତୈଳ ଚିତ୍ର ଠାରୁ ଆରମ୍ଭ କରି ବିଭିନ୍ନ ସମୟର ମୁଦ୍ରା, ପୋଥି, ଲୋକ ସଂସ୍କୃତି ସମ୍ବନ୍ଧିତ ବସ୍ତୁକୁ ସଂଗ୍ରହ କରାଯାଇ ପ୍ରଦର୍ଶିତ କରାଯିବ। ଅନୁଗୋଳର ପୁରାତନ କଳା ରାବଣଛାୟାକୁ ଏଠାରେ ସ୍ୱତନ୍ତ୍ର ସ୍ଥାନ ଦିଆଯିବ। ଜିଲାର ଟେରାକୋଟା, କଂସା, ଚାନ୍ଦୁଆ, ବାଉଁଶ, ବେତରେ ପ୍ରସ୍ତୁତ ସାମଗ୍ରୀ, ପଟ୍ଟଚିତ୍ର, ବାଲୁକା କଳା, ତାରକଶି, ପଥର ଖୋଦେଇ ଓ ହସ୍ତତନ୍ତକୁ ସାଇତି ରଖାଯିବ। ଫଳରେ ପର୍ଯ୍ୟଟକ ଓ ସାଧାରଣ ଲୋକମାନେ ପ୍ରାଚୀନ କଳା, ସଂସ୍କୃତି ଓ ବିଜ୍ଞାନକୁ ନେଇ ଏକ ସ୍ପଷ୍ଟ ଧାରଣା ଏଠାରୁ ପାଇପାରିବେ। ଦ୍ୱିତୀୟ ମହଲାରେ ଏକ ଅତ୍ୟାଧୁନିକ ସମ୍ମିଳନୀ କକ୍ଷ ରହିବ। ଏଠାରେ ଅନୁଗୋଳର ଇତିହାସ ସମ୍ପର୍କିତ କ୍ଷୁଦ୍ର ସିନେମା ପ୍ରଦର୍ଶିତ କରାଯିବ। ଏଥିସହ ପ୍ରସ୍ତୁତ ହେଉଥିବା ବିଶ୍ୱସ୍ତରୀୟ ପାଠାଗାର ବିଭିନ୍ନ ବିଷୟରେ ଗବେଷଣା କରୁଥିବା ଛାତ୍ରଛାତ୍ରୀଙ୍କ ଜ୍ଞାନ ବୃଦ୍ଧି କରିପାରିବ। ଏହି ଇ- ଲାଇବ୍ରେରିରେ ଓଡ଼ିଆ, ଇଂଲିଶ, ହିନ୍ଦୀ, ସଂସ୍କୃତ ଓ ବିଭିନ୍ନ ଭାଷାରେ ଲିଖିତ ଲେଖକଙ୍କ ପୁସ୍ତକମାନ ଉପଲବ୍ଧ ହେବ। ପୁରୁଣା ହେଉ କି ନୂଆ, ଡିଜିଟାଲ ବ୍ୟବସ୍ଥାରେ ଏହାକୁ ମାତ୍ର କେଇ ସେକେଣ୍ଡରେ ପାଇହେବ। ତେବେ ଜାତିର ପିତାଙ୍କ ଜୀବନାଦର୍ଶନର ପ୍ରଦର୍ଶନ ନିମନ୍ତେ ଏକ ସ୍ୱତନ୍ତ୍ର ପ୍ରକୋଷ୍ଠର ବ୍ୟବସ୍ଥା ହୋଇଛି। ଅନୁଗୋଳ ଜିଲାକୁ ଗାନ୍ଧୀଙ୍କ ଆଗମନ ଓ ତାଙ୍କ ନୀତି ଆଦର୍ଶ ଆଧାରିତ ପୁସ୍ତକମାନ ଏଠାରେ ରଖାଯିବ। ଏଥିସହ ସୂଚନା ଆଧାରିତ ଫଟୋଚିତ୍ରମାନ ଲଗାଯାଇ ପର୍ଯ୍ୟଟକଙ୍କ ବୁଝିବାକୁ ଅଧିକ ସହଜ କରିଦିଆଯିବ। ଏଠାରେ ପିଲାଙ୍କ ପାଇଁ କିଡ୍ସ ଜୋନ୍, ମ୍ୟୁଜିୟମ୍ ଡିସ୍‌ପ୍ଲେ ଜୋନ୍, କ୍ୟାଫିଟ୍ ଏରିଆ, ପ୍ରତୀକ୍ଷା ଲାଉଞ୍ଜ ଆଦିର ବ୍ୟବସ୍ଥା କରାଯାଇଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

### କହିବ ଜାତିର ପିତାଙ୍କ କାହାଣୀ



ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପାଇଁ ଏକ ସ୍ୱତନ୍ତ୍ର କୋଠରି ରହିବ। ସେଥିରେ ଗାନ୍ଧୀଙ୍କ ଅନୁଗୋଳ ଗସ୍ତ ସହ ତାଙ୍କ ଜୀବନୀକୁ ନେଇ ଲେଖାଯାଇଥିବା ବିଭିନ୍ନ ପୁସ୍ତକ ମଧ୍ୟ ରହିବ। ବିଭିନ୍ନ ତୈଳଚିତ୍ର ଭିନ୍ନ ଭିନ୍ନ ଆନ୍ଦୋଳନର କାହାଣୀ କହିବ। ଫଳରେ ଗାନ୍ଧୀଙ୍କ ବିଷୟରେ ସାଧାରଣ ଲୋକମାନେ ବହୁ ଅଜଣା କଥା ଜାଣିବାକୁ ପାଇପାରିବେ। ବ୍ଲାକ ଡାଇମଣ୍ଡ କାର୍ଯ୍ୟ ଶେଷ ପର୍ଯ୍ୟାୟରେ।

-ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଜିଲାପାଳ, ଅନୁଗୋଳ

### ଐତିହ୍ୟ, ପରମ୍ପରା ସୁରକ୍ଷିତ ରହିବ



ଅନୁଗୋଳରେ ଏପରି ସଂଗ୍ରହାଳୟ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ଜାଣି ସ୍ୱର୍ଗରୁ ଚାନ୍ଦ ପାଇବା ଭଳି ଆନନ୍ଦ ଅନୁଭବ ହେଉଛି। ଏହା ଉଦ୍‌ଘାଟନ ପରେ ଅନୁଗୋଳର ଐତିହ୍ୟ ଓ ପରମ୍ପରା ସୁରକ୍ଷିତ ରହିବା ସଙ୍ଗେ ସଙ୍ଗେ ପରପିଢ଼ି ଅତି ନିକଟରୁ ଏହାକୁ ଦେଖିବାର ଏବଂ ଜାଣିବାର ସୁଯୋଗ ପାଇପାରିବେ। ଏପରି ସାଧୁ ଉଦ୍ୟମ ପାଇଁ ଯେଉଁମାନଙ୍କ ପ୍ରେରଣା ଓ ଆନ୍ତରିକତା ରହିଛି, ସେମାନଙ୍କୁ ଧନ୍ୟବାଦ।

-ତ୍ରେତାନନ୍ଦ ସାମନ୍ତ, ବୁଦ୍ଧିଜୀବୀ, ଅନୁଗୋଳ

### ଜିଲା ପାଇଁ ଗୌରବର ବିଷୟ



ଐତିହ୍ୟ ସମ୍ପନ୍ନ ଅନୁଗୋଳରେ ଏକ ସଂଗ୍ରହାଳୟ ହେବା ଜିଲା ପାଇଁ ଗୌରବର ବିଷୟ। ଏହି ସଂଗ୍ରହାଳୟ ପ୍ରାଚୀନ କଳା, ସଂସ୍କୃତିକୁ ଉଜ୍ଜୀବିତ କରିବା ସହ ଜିଲାବାସୀଙ୍କୁ ତାଙ୍କ ଐତିହ୍ୟକୁ ମନେ ପକାଇଦେବ। ଜିଲାବାସୀଙ୍କୁ ଖୁବ୍‌ଶୀଘ୍ର ନିଜର ପ୍ରାଚୀନତା ଅତି ନିକଟରୁ ଦେଖିବାର ସୁଯୋଗ ମିଳିବ ବୋଲି ଆଶା କରାଯାଉଛି।

-ବିଭୂତି ଭୂଷଣ ସାହୁ, ବୁଦ୍ଧିଜୀବୀ, ଅନୁଗୋଳ

### ଏକ ଗୌରବମୟ ଅଧ୍ୟାୟ



ସୌଭାଗ୍ୟର କଥା ଅନୁଗୋଳର ଇତିହାସ ଉନ୍ମୋଚିତ ହେବାକୁ ଯାଉଛି। ଜିଲାର ବିଭିନ୍ନ ଅଞ୍ଚଳରେ ବିକ୍ଷିପ୍ତ ହୋଇ ଥିବା ପ୍ରାଚୀନ କଳାକୃତି, ଖନନ ସାମଗ୍ରୀ, ବିଭିନ୍ନ ସମୟର ଉପକରଣ ଆଦି ସଂରକ୍ଷିତ ଓ ପ୍ରଦର୍ଶିତ ହେବ। ଏହା ନିଶ୍ଚୟ ଅନୁଗୋଳ ଐତିହ୍ୟର ଗୌରବମୟ ଅଧ୍ୟାୟକୁ ଆଲୋକିତ କରିବ।

-ଡ. ରମାମଞ୍ଜରୀ ସାହୁ, ଅବସରପ୍ରାପ୍ତ ପ୍ରାଧ୍ୟାପିକା


ବ୍ଲାକ ଡାଇମଣ୍ଡ ମଧ୍ୟରେ ପ୍ରସ୍ତୁତ ହେଉଥିବା ସଂଗ୍ରହାଳୟ ଓ ସ୍ଥାପିତ ହେବାକୁ ଥିବା ରାଜାମାନଙ୍କ ପ୍ରତିମୂର୍ତ୍ତି ମଡେଲ।

## ମେଡିକାଲରୁ ରୋଗୀ ଫେରାର

ଅନୁଗୋଳ ଅଫିସ, ୨୯।୭

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରୁ ପୁଣି ଜଣେ ରୋଗୀ କେଉଁଆଡ଼େ ଫେରାର ହୋଇଯାଇଛନ୍ତି। ଏ ନେଇ ପରିବାର ଲୋକେ ଅନୁଗୋଳ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରିଥିବା ଜଣାପଡ଼ିଛି। ଫଳରେ ମେଡିକାଲର ସୁରକ୍ଷା ବ୍ୟବସ୍ଥାକୁ ନେଇ ପୁଣି ପ୍ରଶ୍ନ ଉଠିଛି। ମାଳ ମାଳ ସୁରକ୍ଷାକର୍ମୀ ଥିବା ସତ୍ତ୍ୱେ ରୋଗୀ କିଭଳି ମେଡିକାଲ ପରିସରରୁ ଚମ୍ପଟ ମାରିଲେ ତାହାକୁ ନେଇ ଏବେ ସହରର ବୁଦ୍ଧିଜୀବୀମାନେ ପ୍ରଶ୍ନ କରିଛନ୍ତି। ପରିବାର ଲୋକଙ୍କ ସୂଚନା ମୁତାବକ, ସେମାନଙ୍କ ଘର କଣିହାଁ ଥାନା ପୋତାଗଡ଼ ଅଞ୍ଚଳରେ। ସେମାନେ ରୋଗୀ ଦୋଳଗୋବିନ୍ଦ ପରିଡ଼ା(୪୨)ଙ୍କୁ ଗୁରୁବାର ଅପରାହ୍ନରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଡାକ୍ତର ଶୁକ୍ରବାର ଦେଖିବେ ବୋଲି ପରିବାର ଲୋକଙ୍କୁ କୁହାଯାଇଥିଲା। ତେବେ ସେମାନେ ଡାକ୍ତରଙ୍କୁ ଦେଖାକରିବାକୁ ଯାଇଥିବା ସମୟରେ ରୋଗୀ କେଉଁ ଆଡ଼େ ଚମ୍ପଟ ମାରିଥିଲେ ବୋଲି ପୁଅ ସୁବ୍ରତ ପରିଡ଼ା ଲିଖିତ ଅଭିଯୋଗ କରିଛନ୍ତି। ତେବେ ଏ ନେଇ ମେଡିକାଲ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

## ନିଖୋଜ ଛାତ୍ରଙ୍କ ସନ୍ଧାନ ମିଳିଲା

ଖମାର, ୨୯।୭ (ଡି.ଏନ.ଏ.)

ପାଲଲହଡ଼ା ଉପଖଣ୍ଡ ଖମାରସ୍ଥିତ ଉତ୍କଳମଣି ଗୋପବନ୍ଧୁ ସରକାରୀ ବିଦ୍ୟାଳୟରୁ ନିଖୋଜ ଥିବା ଛାତ୍ରଙ୍କ ସନ୍ଧାନ ମିଳିଛି। ହଷ୍ଟେଲରେ ରହି ପାଠ ପଢିବାର ଇଚ୍ଛା ନ ଥିବାରୁ ସେ ସ୍କୁଲରୁ ଚାଲି ଚାଲି ପାଲଲହଡ଼ାସ୍ଥିତ ଜଣେ ବନ୍ଧୁଙ୍କ ଘରକୁ ପଳାଇ ଯାଇଥିଲେ। ସେଠାରେ ରାତିରେ ରହି ପରଦିନ ଘରକୁ ଯାଇଥିଲେ। ଘରଲୋକେ ଏ ନେଇ ଜାଣିବା ପରେ ପୋଲିସକୁ ସୂଚନା ଦେଇଥିଲେ। କୋର୍ଟରେ ପୋଲିସ, ସ୍କୁଲ କର୍ତ୍ତୃପକ୍ଷ ଓ ପରିବାର ଲୋକଙ୍କ ଉପସ୍ଥିତିରେ ସମ୍ପୃକ୍ତ ଛାତ୍ର ଘଟଣା ସମ୍ପର୍କରେ ବଖାଣିବା ପରେ ତାଙ୍କୁ ପରିବାରକୁ ହସ୍ତାନ୍ତର କରାଯାଇଛି।

## ସଂକ୍ଷେପରେ

### ସ୍ଥଗିତ ରହିଲା ଜବରଦଖଲ ଉଚ୍ଛେଦ

ଅନୁଗୋଳ ଅଫିସ, ୨୯।୭- ଅନୁଗୋଳ ସହରର ରାଜା ଛକଠାରୁ ଥାନା ଛକ ପର୍ଯ୍ୟନ୍ତ ଜବରଦଖଲ ଶୁକ୍ରବାର ଉଚ୍ଛେଦ ହେବାର ଥିଲା। କିନ୍ତୁ କେତେଜଣ ବ୍ୟବସାୟୀ ପୌରପାଳିକାରେ ପହଞ୍ଚି ଗୁହାରି କରିଥିଲେ। ଲକ୍ଷାଧିକ ଟଙ୍କାର ରାଖୀ ବିକ୍ରି ପାଇଁ ଗଚ୍ଛିତ ରଖାଯାଇଥିବାରୁ ୧୦ ଦିନ ମହଲତ ମାଗିଥିଲେ। ରାଖୀ ପୂର୍ଣ୍ଣିମା ସରିବା ପରେ ଆପେ ଆପେ ଉଠିଯିବୁ ବୋଲି କହିଥିଲେ। ଏପରି କି କେତେଜଣ ଦଲାଲ୍‌ଙ୍କୁ ସେମାନେ ଏଥିପାଇଁ ଟଙ୍କା ଦେଇଥିବା କହିଥିଲେ। ବ୍ୟବସାୟୀଙ୍କ ଏଭଳି ଗୁହାରି ଶୁଣିବା ପରେ ପୌର କର୍ତ୍ତୃପକ୍ଷ ଉଚ୍ଛେଦ ପ୍ରକ୍ରିୟାକୁ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଥିଲେ। ତେବେ ଉଚ୍ଛେଦ ପାଇଁ ଗୋଟିଏ ଦିନ ପୂର୍ବରୁ ଘୋଷଣା କରି ପୌର ପ୍ରଶାସନ ପୁଣି ନିଷ୍ପତ୍ତି ବଦଳାଇବାକୁ କେତେଜଣ ବୁଦ୍ଧିଜୀବୀ ସମାଲୋଚନା କରିଛନ୍ତି। କେତେଜଣ ରାଜନେତା ଓ ମୁଷ୍ଟିମେୟ ବ୍ୟକ୍ତିଙ୍କ ଅକ୍ତିଆରରେ ଉକ୍ତ ଜାଗା ଥିବାରୁ ପୌର ପ୍ରଶାସନ ଉପରେ ଚାପ ପଡ଼ିଥିବା ସେମାନେ ଅଭିଯୋଗ କରିଛନ୍ତି। ଏନେଇ ପୌର କର୍ତ୍ତୃପକ୍ଷଙ୍କ ମତାମତ ମିଳିପାରି ନାହିଁ।

### ବାଇକ୍ ଧକ୍କାରେ ମହିଳା ଗୁରୁତର

ବଇଣ୍ଡା,୨୯।୭(ଡି.ଏନ.ଏ)- ବଇଣ୍ଡା-ଆଠମଲ୍ଲିକ ପୂର୍ତ୍ତ ବିଭାଗ ରାସ୍ତାର ବଇଣ୍ଡା ଫାଣ୍ଡି କରଡାବଣି ନିକଟରେ ଶୁକ୍ରବାର ଏକ ବାଇକ୍ ଧକ୍କାରେ ସେହି ଗ୍ରାମର ଭାରତୀ ନାୟକ ଗୁରୁତର ହୋଇଛନ୍ତି। ତାଙ୍କୁ ସ୍ଥାନୀୟ ଗ୍ରାମବାସୀ ଉଦ୍ଧାର କରି ଜିଲା ମୁଖ୍ୟଚିକିତ୍ସାଳୟଠାରେ ଭର୍ତ୍ତି କରିଛନ୍ତି। ଭାରତୀ ରାସ୍ତା ପାର ହେଉଥିବାବେଳେ ଆଠମଲ୍ଲିକ ଅଞ୍ଚଳରୁ ଆସୁଥିବା ଏକ ବାଇକ୍ ଚାଳକ ତାଙ୍କୁ ଧକ୍କା ଦେଇଥିଲେ। ଖବରପାଇ ବଇଣ୍ଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ସ୍ତ୍ରୀଙ୍କୁ ମାଡ଼ ଅଭିଯୋଗ

ବଇଣ୍ଡା,୨୯।୭(ଡି.ଏନ.ଏ)- କିଶୋରନଗର ବ୍ଲକ ହଣ୍ଡପା ଥାନା କୁଶବଣିଆସାହି ଗ୍ରାମର ଝୁମୁରି କାନ୍ଧିଆଙ୍କୁ ତାଙ୍କ ସ୍ୱାମୀ ଜିତେନ୍ଦ୍ର କାନ୍ଧିଆ ମାଡ଼ ମାରିଥିବା ହଣ୍ଡପା ଥାନାରେ ଶୁକ୍ରବାର ଅଭିଯୋଗ ହୋଇଛି। ପୋଲିସ ନମ୍ବର ୧୯୨/୨୨ ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ଝୁମୁରି ଘରେ ଥିବାବେଳେ କୌଣସି କାରଣ ନ ଥାଇ ମାଡ଼ ମାରିବା ସହ ଘରୁ ବାହାର କରିଦେଉଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

## ରାଜେନ୍ଦ୍ର ପ୍ରସାଦଙ୍କ ସ୍ମୃତିଚାରଣ



ଶ୍ରଦ୍ଧାଞ୍ଜଳି ସଭାରେ ୟୁନିୟନ୍‌ର କର୍ମକର୍ତ୍ତାମାନେ।

ବଅଁରପାଳ,୨୯।୭(ଡି.ଏନ.ଏ)

ନାଲ୍‌କୋ ନନ୍ ଏକ୍‌ଜ୍ୟୁଟିଭ ଏମ୍ପ୍ଲୋଇଜ୍ ୟୁନିୟନ କାର୍ଯ୍ୟାଳୟଠାରେ ହିନ୍ଦ ମଜଦୁର ସଭାର ଜାତୀୟସ୍ତର ଉପସଭାପତି ସ୍ୱର୍ଗତ ରାଜେନ୍ଦ୍ର ପ୍ରସାଦ ସିଂହଙ୍କ ଅମର ଆତ୍ମାର ସଦ୍‌ଗତ ନିମନ୍ତେ ଏକ ଶ୍ରଦ୍ଧାଞ୍ଜଳି ସଭା ସଙ୍ଗଠନର ସାଧାରଣ ସମ୍ପାଦକ ରତ୍ନାକର ପରିଡ଼ାଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ସିଂହ ଜଣେ ଦୃଢ଼ ସଙ୍ଗଠକ ଓ ଅମାୟିକ ନେତା ଥିଲେ। ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଏକ ମିନିଟ୍ ନୀରବ ପ୍ରାର୍ଥନା କରିବା ସହ ସାଧାରଣ ସମ୍ପାଦକ ପରିଡ଼ା ସିଂହଙ୍କ ସ୍ମୃତିଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଶାନ୍ତ ବେହେରା, ରବୀନ୍ଦ୍ର ସେଠୀ, ବିପିନ ନାଥ, ଦିଲୀପ ଭୋଇ, ଲଳିତ ପଣ୍ଡା, ବିଦ୍ୟାଧର ସାହୁ, ତ୍ରୈଲୋକ୍ୟ ସାହୁ, ଗୁପ୍ତେଶ୍ୱର ନନ୍ଦ, ଅଜୟ ନାୟକ, ପ୍ରଦୀପ ପ୍ରଧାନ, ସୁରେଶ ବେହେରା, ଟିକନ ଦାସ, ବେଣୁଧର ସାହୁ, ବାପି ସାମଲ, ଘନଶ୍ୟାମ ଦାସ ଉପସ୍ଥିତ ଥିଲେ।

## କୋଇଲା ଜବତ, ଜଣେ ଗିରଫ

କଣିହାଁ,୨୯।୭(ଡି.ଏନ.ଏ)

କଣିହାଁ ଥାନା ପୋଲିସ ବାଇକ୍ ଯୋଗେ କୋଇଲା ଚୋରାଚାଲଣ ଅଭିଯୋଗକୁ ନେଇ ଶୁକ୍ରବାର ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଥାନା ସୂତ୍ରରୁ ପ୍ରକାଶ, କଣିହାଁ କୋଇଲା ଖଣି ଅଞ୍ଚଳରୁ ବାଇକଯୋଗେ କୋଇଲା ଚୋରାଚାଲାଣ ହେଉଥିଲା। ଏ ନେଇ କଣିହାଁ ଥାନା ପୋଲିସ ଆଇଆଇସି କିଶୋର କୁମାର ସାମଲ ଓ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକ୍ରମେ ବଡ଼ଗୁଣ୍ଡୁରୀ ପଞ୍ଚାୟତ ଦେଉଁଭୂଇଁ ଗ୍ରାମ ଛକ ରାସ୍ତାରେ ଯାଞ୍ଚ ଚଳାଇଥିଲେ। ୪ଟି ବାଇକ୍‌ରେ କୋଇଲା ଆସୁଥିବାବେଳେ ପୋଲିସ ଯାଞ୍ଚକୁ ନେଇ ୩ ଜଣ ଫେରାର ହୋଇଯାଇଥିଲେ। ଘଟଣାସ୍ଥଳରୁ ଟାଙ୍ଗୁଡ଼ିଆ ଗ୍ରାମର ବାବୁ ସେଠୀ(୩୨)ଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଏ ନେଇ ନଂ.୨୦୨/୨୨ରେ ମାମଲା ରୁଜୁ ହୋଇଛି। ଅନ୍ୟ ୩ ଜଣ ଫେରାର ଥିବା ନେଇ ତଦନ୍ତ ଚାଲିଛି। ୪ ବାଇକ ଜବତ କରାଯାଇଛି।

## ଚାଷୀଙ୍କୁ ସମ୍ମାନିତ କଲେ ନୂଆ ସଭାପତି


ଦାୟିତ୍ୱ ଗ୍ରହଣ ବେଳେ ସଭାପତିଙ୍କ ସମେତ ଅନ୍ୟମାନେ।

ଆଠମଲ୍ଲିକ, ୨୯।୭ (ଡି.ଏନ.ଏ.)

ଆଠମଲ୍ଲିକ କଇଁତ୍ରାଗଡ ସେବା ସମବାୟ ସମିତିର ନବ ନିର୍ବାଚିତ ସଭାପତି ଦଲୀପ କୁମାର ସିଂସାମନ୍ତ ବୁଧବାର ବିଧିବଦ୍ଧ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ସମୟରେ ଉପସଭାପତି ସୁଜାତା ସିଂ ସାମନ୍ତଙ୍କ ସମେତ ସମସ୍ତ ନିର୍ଦ୍ଦେଶକ ଉପସ୍ଥିତ ଥିଲେ। ସମିତି ସମ୍ପାଦକ ଆଶୁତୋଷ ଗଡ଼ତିଆ ଓ କର୍ମଚାରୀ ତୁଷାରକାନ୍ତି ବାରିକ ସଭାପତି ସିଂସାମନ୍ତଙ୍କ ସମେତ ସମସ୍ତ ନବ ନିର୍ବାଚିତ ନିର୍ଦ୍ଦେଶକମାନଙ୍କୁ ସ୍ୱାଗତ କରିଥିଲେ। ବରଗାଁ ଗ୍ରାମର ଚାଷୀ ରାହାସ ବିହାରୀ ଦନ୍ତାଙ୍କୁ ସଭାପତି ସିଂସାମନ୍ତ ଓ ଉପସଭାନେତ୍ରୀ ସୁଜାତା ସିଂ ସାମନ୍ତ ଉତ୍ତରୀୟ ସହ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିଥିଲେ। ଏଥିସହ ତାଙ୍କୁ ଏକ ଲଙ୍ଗଳ ପ୍ରଦାନ କରାଯାଇଥିଲା। ଚାଷୀମାନେ ଯେପରି ସୁବିଧାରେ ମଣ୍ଡିରେ ଧାନ ବିକ୍ରୟ କରିପାରିବେ ଓ ଆବଶ୍ୟକୀୟ ସାର ବିହନ ପାଇପାରିବେ ତା'ଉପରେ ଗୁରୁତ୍ୱ ଦିଆଯିବ ବୋଲି ସଭାପତି କହିଥିଲେ।

## ୯୦ ୟୁନିଟ୍ ରକ୍ତ ସଂଗ୍ରହ

କଣିହାଁ, ୨୯।୭(ଡି.ଏନ୍.ଏ.)

କଣିହାଁ ବ୍ଲକ ରେଙ୍ଗାଳିସ୍ଥିତ ପବିତ୍ରମୋହନ ମହାବିଦ୍ୟାଳୟରେ ଓଡ଼ିଶା ମୋ' ପରିବାର ପକ୍ଷରୁ ଜୀବନବିନ୍ଦୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୯୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ମୁଖ୍ୟ ଅତିଥି ଭାବେ ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଲ, ସମ୍ମାନିତ ଅତିଥି ବ୍ଲକ ବିଜେଡି ସଭାପତି କୈଳାସ ଚନ୍ଦ୍ର ସାହୁ, ଜିଲା ପରିଷଦ ଉପସଭାନେତ୍ରୀ ରଶ୍ମିତା ସେଠୀ, କଣିହାଁ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ଉପାଧ୍ୟକ୍ଷା ଜୟନ୍ତୀ ପ୍ରଧାନ, ରେଙ୍ଗାଳି ସରପଞ୍ଚ ପ୍ରଭାତୀ ସେଠୀ, ସମିତି ସଭ୍ୟ ଦେବାଶିଷ ମହାନ୍ତି, ବଜ୍ରକୋଟ ସରପଞ୍ଚ ପ୍ରଦୀପ କୁମାର ସାହୁ, ସମିତିସଭ୍ୟ ସୀମାଞ୍ଚଳ ପଣ୍ଡା, ସମିତିସଭ୍ୟା ଭାରତୀ ସାହୁ, ସୁଜାତା ନାୟକ ପ୍ରମୁଖ ଯୋଗଦେଇଥିଲେ।



ଜୀବନବିନ୍ଦୁ ରକ୍ତଦାନ ଶିବିରରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

## ଶିକ୍ଷକ ନିଯୁକ୍ତି ହେଉନି

ଅନୁଗୋଳ ଅଫିସ/ବଇଣ୍ଡା୨୯।୭

ଅନୁଗୋଳ ଜିଲା ଅନ୍ତୁଳିଆ ଗ୍ରାମରେ ଥିବା ଅନ୍ତୁଳିଆ ହାଇସ୍କୁଲରେ ଶିକ୍ଷକ ଅଭାବ ଲାଗି ରହିଛି। ବହୁ ଶିକ୍ଷକ ପଦବୀ ସହ କିରାଣି, ଚପରାଶି, ରାତ୍ର ଜଗୁଆଳି ନାହାନ୍ତି। ଏ ନେଇ ବହୁବାର ପ୍ରଶାସନ ନିକଟରେ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳିପାରୁ ନାହିଁ। ଏ ନେଇ ଶୁକ୍ରବାର ଗ୍ରାମର ଏକ ପ୍ରତିନିଧି ମଣ୍ଡଳୀଙ୍କ ସହ ଶିକ୍ଷା କମିଟି ପକ୍ଷରୁ ଅନୁଗୋଳ ଜିଲାପାଳଙ୍କୁ ଭେଟିବା ସହ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ଗ୍ରାମବାସୀ ଉଲ୍ଲେଖ କରିଛନ୍ତି, ଏହି ବିଦ୍ୟାଳୟ ପ୍ରଥମ ଶ୍ରେଣୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ଏଥିରେ ୩୦୪ ଛାତ୍ରଛାତ୍ରୀ ପଢୁଛନ୍ତି। ଏମାନଙ୍କୁ ପଢାଇବା ପାଇଁ ୧୭ ଜଣ ଶିକ୍ଷକଙ୍କ ଆବଶ୍ୟକତା ଥିବାବେଳେ ମାତ୍ର ୮ ଜଣ ବିଦ୍ୟାଳୟରେ ଅଛନ୍ତି। ଫଳରେ ପାଠପଢାରେ ବ୍ୟାପକ ଅସୁବିଧା ସୃଷ୍ଟି ହେଉଛି। ସେହିପରି ବିଦ୍ୟାଳୟରେ ଶିକ୍ଷକ ଅଭାବ ସହ କିରାଣି, ଚପରାସି ଓ ରାତ୍ର ଜଗୁଆଳ ପଦବୀ ଦୀର୍ଘ ବର୍ଷ ବର୍ଷ ଧରି ଖାଲି ପଡ଼ିଥିଲେ ମଧ୍ୟ ପୂରଣ କରାଯାଉନାହିଁ। ଫଳରେ ଅଫିସ୍ କାର୍ଯ୍ୟ କରିବାରେ ସମସ୍ୟା ସୃଷ୍ଟି ହେଉଛି। ଏ ନେଇ ପୂର୍ବରୁ ଗ୍ରାମବାସୀ ବହୁବାର ସ୍ଥାନୀୟ ବିଧାୟକଙ୍କଠାରୁ ଆରମ୍ଭ କରି ଜିଲା ଶିକ୍ଷା ବିଭାଗ, ଜିଲା ପ୍ରଶାସନ ପର୍ଯ୍ୟନ୍ତ ଅଭିଯୋଗ କଲେ ମଧ୍ୟ କେହି ଶୁଣୁନାହାନ୍ତି। ଫଳରେ ଗ୍ରାମବାସୀ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଆଗାମୀ ୭ ଦିନ ମଧ୍ୟରେ ଏହି ଅଭିଯୋଗର ପ୍ରଶାସନ ପକ୍ଷରୁ କୌଣସି ସମାଧାନ ନ ହୁଏ ତା ହେଲେ ବିଦ୍ୟାଳୟକୁ ପିଲାମାନଙ୍କୁ ଛାଡିବେ ନାହିଁ ଏବଂ ଆନ୍ଦୋଳନ କରିବେ ବୋଲି ଗ୍ରାମ ସଭାପତି ଭରତ ଚନ୍ଦ୍ର ବେହେରା, ବିଦ୍ୟାଳୟ କମିଟି ସଭାପତି ବୀରେନ୍ଦ୍ର ପ୍ରଧାନ, କନ୍ଦର୍ପ ପ୍ରଧାନ, ତ୍ରିନାଥ ବାରିକ, ବିନୟ ଦେହୁରୀ, ସସ୍ମିତା ପ୍ରଧାନ ପ୍ରମୁଖ ଚେତାବନୀ ଦେଇଛନ୍ତି।


ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନ୍ତୁଳିଆ ଗ୍ରାମବାସୀ।

### ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ

# ଦ ରିଦମ୍ ଇଟରନାଲ


ମଣୀନ୍ଦ୍ର କୁମାର ମେହେର

**ଅଭୁଲା ଅନୁଭବ**

ଏ ନୃତ୍ୟର ନାମକରଣ ସ୍ୱୟଂ ଶ୍ରୀମାଙ୍କ ଦ୍ୱାରା ପ୍ରଦତ୍ତ। ଯିଏ ମଞ୍ଚ ଉପରେ ନୃତ୍ୟ ରଚନା କଲେ ସେ ସୁବିଖ୍ୟାତ ନୃତ୍ୟଶିଳ୍ପୀ ଶୋଭା ମିତ୍ର। : ''ତୁମେ ଅସମ୍ଭବକୁ ଜୟ କରିଛ।''

ଶୋଭା ମିତ୍ରଙ୍କ ଦୁଇ ଆଖି ହୋଇଯାଇଥିଲା ଏତେ କୋମଳ ଓ ପ୍ରେମପୂର୍ଣ୍ଣ ଯେ ତାହା ବର୍ଣ୍ଣନା କରିବାର ଶକ୍ତି କୌଣସି ସାଧାରଣ ଲେଖକର ନ ଥାଏ।

ପଣ୍ଡିଚେରୀ ଶ୍ରୀଅରବିନ୍ଦ ଆଶ୍ରମରେ ଶ୍ରୀମାଙ୍କ ଅନନ୍ୟ କୃପାଲାଭ କରି ଶୋଭା ଏପରି ରୂପରେ ପରିଶୋଭିତ ହୋଇଥିଲେ ଯାହା ବର୍ଣ୍ଣନାତୀତ। ଆଶ୍ରମର ବିଭିନ୍ନ କାର୍ଯ୍ୟକ୍ରମରେ ସେ ଯେତେବେଳେ ନୃତ୍ୟ ପରିବେଷଣ କରନ୍ତି ସେସବୁ ଅନୁଭୂତି ଅସାମାନ୍ୟ। ତେବେ 'ଦ ରିଦମ୍ ଇଟରନାଲ' ନୃତ୍ୟ ପ୍ରଦର୍ଶନ ବେଳକୁ କ'ଣ ଯେ ଘଟିଗଲା ମୁହୂର୍ତ୍ତକରେ ତାହାର ରହସ୍ୟ ଉନ୍ମୋଚନ କରିବା ଥିଲା ଅସମ୍ଭବ।

କାର୍ଯ୍ୟକ୍ରମର ଦିନ ନିକଟତର। ଏହାରି ମଧ୍ୟରେ ଶୋଭାଙ୍କ ଶରୀରରେ ଦେଖାଗଲା ଅଶୋଭନୀୟ ଯନ୍ତ୍ରଣାର ଦାଗ। ତାଙ୍କ ଜଂଘର ଦୁଇ ପାଖରେ ଦୃଶ୍ୟମାନ ହେଲା ଦୁଇଟି ବିରାଟ ବଥ। ଆଉ ସ୍ୱାଭାବିକ ଭାବେ ସେ ଚାଲିପାରିଲେ ନାହିଁ, ବସିପାରିଲେ ନାହିଁ। ବଡ଼ କଷ୍ଟରେ ରିହର୍ସାଲ ଚାଲେ। ନିର୍ଦ୍ଧାରିତ ତାରିଖଟି ପରିବର୍ତ୍ତିତ କରିଦେଲେ ହୁଅନ୍ତାନି? ଶ୍ରୀମାଙ୍କ ନିକଟରେ ପ୍ରାର୍ଥନା କଲେ ଶୋଭା। ଏପରିକି କେଉଁ କାରଣରୁ ସେ ଏ ପ୍ରସ୍ତାବଟି ଦେଉଛନ୍ତି ତାହା ମଧ୍ୟ ସ୍ପଷ୍ଟ ଭାବେ ବ୍ୟକ୍ତ କଲେ। ଅଥଚ ମାଆଙ୍କ ଉତ୍ତର ଶୁଣି ସ୍ତବ୍ଧ ହୋଇ ରହିଗଲେ ସେ– ତାରିଖ ବଦଳାଇବା ସମ୍ଭବ ନୁହେଁ। ଆଶ୍ରମରେ କେତେକେତେ ହୃଦୟସ୍ପର୍ଶୀ ନୃତ୍ୟରେ ଅଂଶଗ୍ରହଣ କରି ସେ ଅସଂଖ୍ୟ ଦର୍ଶକଙ୍କୁ ପ୍ରଦାନ କରିଛନ୍ତି ଅଭୁଲା ଅନୁଭୂତି। ତା'ହେଲେ ପୂର୍ବବର୍ତ୍ତୀ ତାଙ୍କର ସବୁ ସଫଳତା କ'ଣ ପାଣିଫୋଟକା ଭଳି ଫାଟିଯିବ ଏ କାର୍ଯ୍ୟକ୍ରମରେ? ଷ୍ଟେଜ୍ ଉପରେ ମହାକାଳୀଙ୍କ ନୃତ୍ୟ ପ୍ରଦର୍ଶନକରି ସେ ଯେଉଁ ସାଫଲ୍ୟ ଲାଭ କରିଥିଲେ ତାହା ବି ମନେପଡ଼ିଗଲା ଏହି କ୍ଷଣଟିରେ।

ମଞ୍ଚ ଉପରେ ପାଦ ଦେବା ସଙ୍ଗେ ସଙ୍ଗେ ଶୋଭାଙ୍କ ସୌନ୍ଦର୍ଯ୍ୟ ହୋଇଯାଏ ଅଦ୍ଭୂତ ଭାବେ ପରିବର୍ତ୍ତିତ। ନୃତ୍ୟ ଓ ସଙ୍ଗୀତ ବିଭାଗର ଦାୟିତ୍ୱ ସେ ତୁଲାଇଛନ୍ତି କି ନିଷ୍ଠାରେ ସତେ! ମା' ପସନ୍ଦ କରନ୍ତି ଉଚ୍ଚକୋଟୀର ରାଗସଙ୍ଗୀତ। ପୃଥିବୀ ବିଖ୍ୟାତ ସଙ୍ଗୀତଜ୍ଞ ବାକ୍, ବିଥୋଭେନ ମୋଜାର୍ଟ– ଏ ସମସ୍ତଙ୍କ ସଙ୍ଗୀତ ସହିତ ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତ ଥିଲା ମାଆଙ୍କର ଏକାନ୍ତ ପ୍ରିୟ। ସେ ତାଙ୍କର ଏହି ଅତି ପ୍ରିୟ ଶିଷ୍ୟା ଶୋଭାଙ୍କୁ ସଚେତନ କରି ଦେଇଥିଲେ ଯେ ଯେଉଁ ସଙ୍ଗୀତରେ ଆଧ୍ୟାତ୍ମିକତାର ଧ୍ୱନି ଅନୁପସ୍ଥିତ, ତାହା ନିମ୍ନ ପ୍ରାଣର କୁରୁଚିକୁ ଉତ୍ତେଜିତ କରିବା ପାଇଁ ଉଦ୍ଦିଷ୍ଟ। ଏ ପ୍ରକାରର ହାଲୁକା ଉତ୍ତେଜନାରୁ ଏକ ଭିନ୍ନ ସୂକ୍ଷ୍ମତର ସୋପାନକୁ ଉତ୍ତୀର୍ଣ୍ଣ କରିନେବାକୁ ସେ ଚାହୁଁଥିଲେ ତାଙ୍କ ଶିଷ୍ୟାଶିଷ୍ୟମାନଙ୍କୁ। କହୁଥିଲେ, ଏ ପୃଥିବୀର ପରିମଣ୍ଡଳ ଊର୍ଦ୍ଧ୍ୱରେ ଏପରି ଏକ ସୂକ୍ଷ୍ମ ସ୍ତର ରହିଛି, ଯାହା ହେଉଛି କଳାର ଜଗତ। ସେଠାରେ ଅନ୍ତର୍ନିହିତ ସଙ୍ଗୀତର ଦିବ୍ୟ ମାଧୁର୍ଯ୍ୟ କ୍ୱଚିତ୍ ଅବତରଣ କରିଆସେ ଏ ପୃଥିବୀପୃଷ୍ଠକୁ।

ଶୋଭା ହୃଦୟଙ୍ଗମ କରିସାରିଥିଲେ ଯେ, ମାଆ ତାଙ୍କୁ ନିଜର ଯନ୍ତ୍ର ଭାବେ ନିର୍ମାଣ କରିବାକୁ ଚାହୁଁଛନ୍ତି ଏବଂ ତା' ମଧ୍ୟ ଦେଇ ଊର୍ଦ୍ଧ୍ୱସ୍ଥ କଳାମୟ ଜଗତର ମହିମାନ୍ୱିତ ସୌନ୍ଦର୍ଯ୍ୟକୁ ପୃଥିବୀ ପୃଷ୍ଠକୁ ଓହ୍ଲାଇ ଆଣିବା ପାଇଁ ନିରନ୍ତର ପ୍ରଦାନ କରି ଚାଲିଛନ୍ତି ଶକ୍ତିର ଅସଂଖ୍ୟ ତରଙ୍ଗମାଳା। ଶୋଭା ସଙ୍ଗୀତମାଳା ଅନୁଷ୍ଠାନର ଦାୟିତ୍ୱ ନେବା ପରେ ତାଙ୍କୁ ମିଳିଥିଲା ଗୋଟିଏ ଛୋଟ ଅର୍ଗାନ ଆଉ ହାର୍‌ମୋନିୟମ। ମାଆ ଯେତେବେଳେ ଅର୍ଗାନ ବାଦନ କରନ୍ତି ସେତେବେଳେ ସେ ସମାଧିସ୍ଥ। ମାଆଙ୍କର ଏହି ସମୟର ଚିତ୍ରଟି ତାଙ୍କ ହୃଦୟରେ ନିଖୁଣ ଭାବେ ରୂପାୟିତ। ମାଆ ଅର୍ଗାନ ବାଦନର ଅମୋଘ ଉପାୟ ବତାଇ ଦେଇଥିଲେ। ତାହା ହେଲା ଅର୍ଗାନ ବଜାଇବା ପୂର୍ବରୁ ଶ୍ରୀଅରବିନ୍ଦଙ୍କ ଚେତନାରେ ଧ୍ୟାନସ୍ଥ ହେବା। ଶୋଭାଙ୍କର ମନେପଡ଼ିଯାଉଛି ଯେଉଁଦିନ ନୃତ୍ୟନାଟିକା ପ୍ରଦର୍ଶନ ବେଳେ ସେ ମହାକାଳୀ ରୂପରେ ଅବତୀର୍ଣ୍ଣା। ମହାକାଳୀଙ୍କ ଚେତନାକୁ ନିଜ ମଧ୍ୟକୁ ଓହ୍ଲାଇ ଆଣିବା କ'ଣ ସହଜ କଥା? ଶୋଭା ଜାଣିପାରୁ ନ ଥିଲେ ଯିଏ ଅସଲ ମହାକାଳୀ ଅର୍ଥାତ୍ ଶ୍ରୀମା, ତାଙ୍କରି ସମ୍ମୁଖରେ କିପରି ଅସୁରମାନଙ୍କ ସହିତ କରିବେ ଯୁଦ୍ଧ? ମନେପଡ଼ିଯାଉଛି ଷ୍ଟେଜ୍ ଉପରକୁ ଦୁଇଟି ଲମ୍ବା ଲମ୍ଫ ଦେଇ ଯେମିତି ଧୁମ୍ କରି ସେ ପଡ଼ିଯାଇଥିଲେ। ତାଙ୍କ ହାତରେ ଥିବା ଖଡ୍ଗଟି ଭାଙ୍ଗିହୋଇଗଲା ଦୁଇଖଣ୍ଡ। ଖଣ୍ଡେ ରହିଲା ଶୋଭାଙ୍କ ହାତରେ। ଆଉ ଖଣ୍ଡେ ଯାଇ ପଡ଼ିଲା ଶ୍ରୀମାଙ୍କ ପାଦ ପାଖରେ। ସେଦିନର ଯେଉଁ ଶାରୀରିକ କମ୍ପନ ସେ ଅନୁଭବ କରିଥିଲେ ସେଥିରୁ ଜାଣିପାରିଲେ ଯେ ସେ ଯେମିତି ଅନ୍ୟ ଜଣେ ମଣିଷ।

ଦ ରିଦମ୍ ଇଟରନାଲ ଅର୍ଥାତ୍ ଶାଶ୍ୱତ ଛନ୍ଦ। ଏଥିପାଇଁ ଶ୍ରୀଅରବିନ୍ଦଙ୍କ ଲେଖାର କିଛି କିଛି ଅଂଶ ନେବା ପାଇଁ ମାଆ ଦେଇଥିଲେ ନିର୍ଦ୍ଦେଶ। ଶୋଭା କେଡ଼େ ଆଗ୍ରହରେ 'ସାବିତ୍ରୀ' ମହାକାବ୍ୟର ପ୍ରଥମ ପର୍ବ, ପ୍ରଥମ ସର୍ଗରୁ ଆରମ୍ଭ କରିଥିଲେ ତାଙ୍କର ନୃତ୍ୟନାଟିକା ରଚନାର ଧାରା। ଆଶ୍ରମର ସୁନୀଲ ଦା'ଙ୍କ ମ୍ୟୁଜିକ୍ ବାଜିବ। ତା'ପରେ ଶ୍ରୀମାଙ୍କ କଣ୍ଠରେ ସାବିତ୍ରୀର ଯେଉଁ ଅଂଶ ରେକର୍ଡିଂ କରାଯାଇଛି, ତାହାର ଆବୃତ୍ତିକୁ ସଂଯୋଜିତ କରି ଦିଆଯିବ। ସୁନୀଲ ତାଙ୍କ ମ୍ୟୁଜିକ୍, ତେଜ ଦା'ଙ୍କ ଆଲୁଅର ଖେଳ ଆଉ ମାଆଙ୍କ କଣ୍ଠର ସ୍ୱର ସମନ୍ୱିତ ହୋଇଯିବ ଗୋଟିଏ ବିନ୍ଦୁରେ। ଏଠାରେ କୌଣସି ନାଚ ରହିବ ନାହିଁ। ପୃଥିବୀ ମଧ୍ୟରୁ କ୍ରମେ କ୍ରମେ ବାହାରି ଆସିବେ ଏକ ଏକ ଋତୁରାଣୀ। ଶ୍ରୀଅରବିନ୍ଦ ଏହି ଋତୁଚକ୍ରକୁ ଯେଉଁ ଭାଷାରେ ବର୍ଣ୍ଣନା କରିଛନ୍ତି, ତାହା ଧ୍ୱନିତ ହୋଇ ଉଠିବ ଦିବ୍ୟ ଜନନୀଙ୍କ ମଧୁର କଣ୍ଠରେ। ମାଆଙ୍କ ନିର୍ଦ୍ଦେଶରେ ଏହି ସ୍କ୍ରିପ୍ଟକୁ ପ୍ରସ୍ତୁତ କରିଛନ୍ତି ଶୋଭା। ଏପରିକି ମହାକବି କାଳିଦାସଙ୍କ ଋତୁ ସଂହାରରୁ କେତୋଟି ଶ୍ଳୋକ ଆଉ କବିଗୁରୁ ରବୀନ୍ଦ୍ରନାଥଙ୍କ ପ୍ରକୃତି ଆଧାରିତ କେତୋଟି ଗୀତକୁ ନିର୍ବାଚନ କରିଛନ୍ତି ଶୋଭା। ମନେପଡ଼ିଗଲା ମାଆଙ୍କ ଉଚ୍ଚାରିତ ଏକ ବାକ୍ୟ ତାଙ୍କର। କେମିତି ଏ ଲେଖାଟିରେ ସଂଯୋଜନା କରିବେ ବୋଲି ଚିନ୍ତାକଲା ବେଳେ ମାଆ କହିଥିଲେ– ମୁଁ କାହାକୁ କୌଣସି ଦାୟିତ୍ୱ ଦେଲେ ସେହି ଦାୟିତ୍ୱକୁ କାର୍ଯ୍ୟକାରୀ କରିବାର ଶକ୍ତି ମଧ୍ୟ ତାକୁ ଦିଏ।

...କାର୍ଯ୍ୟକ୍ରମ ଆରମ୍ଭ ହୁଏ। ଧରିତ୍ରୀ ମାତାଙ୍କର ଆବିର୍ଭାବ ଘଟେ। ମାୟା ମିତ୍ରଙ୍କ ଗିଟାର ବାଦନରେ ଥରି ଉଠେ ପରିବେଶ। ରବୀନ୍ଦ୍ର ସଙ୍ଗୀତର କୋରସ୍‌ରେ ଅପୂର୍ବ ରୂପ ପରିଗ୍ରହ କରନ୍ତି ଧରିତ୍ରୀ ମାତା। ଶୋଭାଙ୍କର ଏକଥା ମଧ୍ୟ ମନେପଡୁଛି ଯେ, ଓଡ଼ିଶାର ସୁପ୍ରସିଦ୍ଧ ଓଡ଼ିଶୀ ନୃତ୍ୟଶିଳ୍ପୀ ସଂଯୁକ୍ତା ପାଣିଗ୍ରାହୀଙ୍କୁ ଆମନ୍ତ୍ରଣ କରିବାର ପ୍ରସ୍ତାବ ସେ ଦେଇଥିଲେ। ଅଥଚ ଆସିଲା ଏକ ଆକସ୍ମିକ ଟେଲିଗ୍ରାମ୍ ବାର୍ତ୍ତା। ସଂଯୁକ୍ତା ପହଞ୍ଚିପାରିବେ ନାହିଁ।

ଶୋଭାଙ୍କ ଗୋଡ଼ର ଦୁଇ ବଥର ଯନ୍ତ୍ରଣା ଆହୁରି ବର୍ଦ୍ଧିତ ହୋଇଗଲା ଏହା ଶୁଣି। କହିଲେ ମାଆଙ୍କୁ– ''ମଧୁମୟୀ ମାଆ, ମୁଁ ଅସୁସ୍ଥ। କେମିତି ନାଚିବି?'' ମାଆ ସେଦିନ ଶୋଭାଙ୍କ ମୁଣ୍ଡ ଉପରେ ହାତ ବୁଲାଇ କହିଥିଲେ, ସବୁ ଠିକ୍ ହୋଇଯିବ। ଆଉ ତାରିଖ ବଦଳିଲା ନାହିଁ। ନିର୍ଦ୍ଧାରିତ ରାତ୍ରିରେ ହିଁ ଅଭିନୀତ ହେଲା ସେହି ଅସାମାନ୍ୟ କାର୍ଯ୍ୟକ୍ରମ। ଡିସେମ୍ବର ମାସର ଶୀତରାତି। ଶୋଭା କେବଳ ହୃଦୟ ଭିତରେ ଡାକୁଥାନ୍ତି ମାଆ ମାଆ ବୋଲି। ସମଗ୍ର ଥିଏଟର ଦର୍ଶକମାନଙ୍କ ଦ୍ୱାରା ପରିପୂର୍ଣ୍ଣ। ରାତି ଆଠଟାରେ ବାଜିଲା ଘଣ୍ଟା। ଷ୍ଟେଜ୍ ଉପରେ ଅସାଧାରଣ ଆଲୁଅର କ୍ରୀଡ଼ା। ତା'ପରେ ଶ୍ରୀମାଙ୍କ କଣ୍ଠନିଃସୃତ ଅନ୍ତର୍ଭେଦୀ ଆବୃତ୍ତି। ଆଲୁଅର ବନ୍ୟା ଆସି ଯେତେବେଳେ କେନ୍ଦ୍ରୀଭୂତ ହେଲା ଶୋଭାଙ୍କ ଶରୀରରେ ସେହି ଆଲୁଅର ମହୋତ୍ସବରେ ହଜିଗଲେ ସେ ଅକଳ୍ପନୀୟ ଭାବେ। ଏତେ ଦିନ ଧରି ଯେମିତି ନାଚିଥିଲେ ତା'ଠାରୁ କାହିଁ କେତେଗୁଣରେ ଅଧିକ ନିମଜ୍ଜମାନତାରେ ନିଜକୁ ବିସ୍ମରିଗଲେ ସେ। ବଥର ଯନ୍ତ୍ରଣା ମନେପକାଇବା ପାଇଁ ଆଉ ବେଳ ନ ଥିଲା। ପ୍ରତି ଋତୁରାଣୀଙ୍କ ସହିତ ତାଙ୍କର ଦ୍ୱୈତନାଚ। ଅସାଧାରଣ ଅର୍କେଷ୍ଟ୍ରାର ବାଜଣା। ଷ୍ଟେଜ୍‌ରେ ଏକ ଅପୂର୍ବ ଆନନ୍ଦର ବନ୍ୟା। ପୃଥିବୀ ପୃଷ୍ଠକୁ ଆଗମନ କରିଛି ନୂତନ ଆକାଂକ୍ଷା, ନୂତନ ଜୀବନ, ନୂଆ ପ୍ରାଣ। ଯେମିତି ଶ୍ରୀମାଙ୍କ କଣ୍ଠଧ୍ୱନିରେ ଶୁଭାରମ୍ଭ ହୋଇଥିଲା କାର୍ଯ୍ୟକ୍ରମର, ସେହି କଣ୍ଠରେ ଆବୃତ୍ତି ହେଉଥିବା ସାବିତ୍ରୀର ପଦାବଳୀ ସହିତ ଧୀରେ ଧୀରେ ନଇଁ ଆସୁଥିଲା ଯବନିକା। ମଞ୍ଚ ଏବଂ ଦର୍ଶକଙ୍କ ମଧ୍ୟରେ ସୃଷ୍ଟି ହୋଇଥିଲା ଏକ ସ୍ୱର୍ଗୀୟ ବାତାବରଣ। ଛଅଟି ଋତୁ ନୀରବରେ ପୃଥିବୀକୁ ପ୍ରଦକ୍ଷିଣ କରୁଥିବାର ଓ ସ୍ନିଗ୍ଧ ହାଲୁକା ନୀଳ ଓ ଗୋଲାପୀ ରଙ୍ଗର ଆଲୁଅ ଆଉ ସ୍ୱର୍ଗୀୟ ସଙ୍ଗୀତର ଲାଳିତ୍ୟ ମଧ୍ୟରେ ଯେପରି ପର୍ଦ୍ଦା ନଇଁ ଆସିଲା, ସେ ମୁହୂର୍ତ୍ତକୁ ଶୋଭା କ'ଣ ଆଜୀବନ ଭୁଲିବା ସମ୍ଭବ?

ପରଦା ପତନ ସମାପ୍ତ। ସମଗ୍ର ପରିବେଶରେ କେବଳ ବିରାଜିତ ନିଃସୀମ ନୀରବତା। କେତେ ସମୟ ଧରି ସମସ୍ତେ ନିଜକୁ ସମ୍ପୂର୍ଣ୍ଣ ବିସ୍ମରି ଯାଇଥିଲେ। ଯେତେବେଳେ ମନେପଡ଼ିଲା ଯେ, ସେମାନେ ଜଣେ ଜଣେ ଦର୍ଶକ, ସେତେବେଳେ କରତାଳିରେ ପ୍ରକମ୍ପିତ ହେଲା ଦୀର୍ଘ ସମୟ ଧରି ଅଡିଟୋରିୟମ୍। ଷ୍ଟେଜ୍ ଅନ୍ଧକାରାବୃତ। ଶୋଭାଙ୍କ ସହିତ ଗ୍ରୀନ୍‌ରୁମ୍‌କୁ ଚାଲିଗଲେ ସମସ୍ତେ। ଅଭିନନ୍ଦନର ସ୍ରୋତସ୍ୱିନୀ ସ୍ୱର୍ଶକଲା ଶୋଭାଙ୍କୁ। ଏତେ ଉଦ୍‌ବେଳନ ମଧ୍ୟରେ ତଥାପି ଶୋଭା ମିତ୍ରଙ୍କ ସମଗ୍ର ସତ୍ତା ଥିଲା ଅବିଚଳିତ ଓ ଶାନ୍ତ। ସତେ ଯେମିତି ଅଭିନନ୍ଦନ ନୁହେଁ, ରାଶି ରାଶି ଶାନ୍ତି ଧାରାର ପ୍ରବହମାନତାରେ ସେ ଭିଜିଯାଉଛନ୍ତି ଗୋଟାପଣେ। ଶୋଭାଙ୍କର ବିଶ୍ୱାସ ଥିଲା ମାଆଙ୍କ ଉପରେ। ବିନ୍ଦୁଏ ଅବିଶ୍ୱାସ ଥିଲା ନିଜ ଉପରେ। ସେ କ'ଣ ମାଆଙ୍କ କରୁଣାର ଆଧାର ସତକୁ ସତ ହୋଇପାରିବେ? ଦିନେ ନୁହେଁ, ଦୁଇଦିନ ନୁହେଁ, ନିଜ ଅନ୍ତର୍ଜଗତରେ ବିରାଟ ପରିବର୍ତ୍ତନ ସେ ଅନୁଭବ କରିଚାଲିଥିଲେ ନିରନ୍ତର ଦିନକୁ ଦିନ। ଭିନ୍ନ ଏକ ଜଗତକୁ ତାଙ୍କର ଯେ ଉତ୍ତରଣ ଘଟିଯାଇଛି, ଏହା ଆଉ ଜାଣିବାକୁ ବାକି ନଥିଲା ତାଙ୍କୁ। ଏ କାର୍ଯ୍ୟକ୍ରମଟିର ପୁନଶ୍ଚ ନୃତ୍ୟାୟନ ଅନୁଷ୍ଠିତ ହେଲା। କାର୍ଯ୍ୟକ୍ରମ ଅନ୍ତେ ଶ୍ରୀମା ଶୋଭାଙ୍କୁ ଦର୍ଶନ ଦେବା ହୋଇଥିଲା ସ୍ଥିରୀକୃତ। ବିଭିନ୍ନ ରଙ୍ଗର ଓ ସୁବାସର ସ୍ନିଗ୍ଧ ସତେଜ ପୁଷ୍ପାଞ୍ଜଳି ନେଇ ପହଞ୍ଚିଥିଲେ ସେ ମା'ଙ୍କ ଚରଣ ତଳେ। ମାଆ ଶୋଭାଙ୍କ ଦୁଇ ସୁକୋମଳ ହାତ ପାପୁଲିକୁ ଧୀରେ ଧୀରେ ସ୍ନେହସିକ୍ତ ରୀତିରେ ଉତ୍ତୋଳିତ କରିନେଇ ତାଙ୍କ ଦୁଇ ଉଷ୍ମ ମଧୁର ହାତ ପାପୁଲିରେ ଛନ୍ଦି ଧରିଲେ। ଶୋଭାଙ୍କ ଆଖିରେ ପ୍ରସ୍ଫୁଟିତ ଅପରିସୀମ ସୌନ୍ଦର୍ଯ୍ୟକୁ ମାଆ ଅନେକ ସମୟ ସ୍ଥିର ଚିତ୍ତରେ ଅନାଇ ରହିଲେ। ମା'ଙ୍କ ଉଭୟ ଚକ୍ଷୁରେ ଯେଉଁ ଐଶ୍ୱର୍ଯ୍ୟ ସେଦିନ ଫୁଟି ଉଠୁଥିଲା, ମନେହେଲା ଶୋଭା ସତେ ଯେମିତି ପ୍ରତ୍ୟକ୍ଷ କରୁଛନ୍ତି ମହାଲକ୍ଷ୍ମୀଙ୍କ ଦିବ୍ୟଦୃଷ୍ଟିକୁ।

ହୃଦୟଭିତରେ ମାଆଙ୍କ ଉଚ୍ଚାରିତ ଯେଉଁ ଅଭିନନ୍ଦନର ସ୍ୱର ପ୍ରତିଧ୍ୱନିତ ହୋଇଉଠେ ପ୍ରତି ମୁହୂର୍ତ୍ତରେ ତାହା ହେଉଛି ସେଇ ଶବ୍ଦ– ''ତୁମେ ଅସମ୍ଭବକୁ ଜୟ କରିଛ।''

ଶୋଭା ମାତୃ ଆଶୀର୍ବାଦରେ ସମ୍ପୂର୍ଣ୍ଣ ବଗଲିତା ଏକ ମହାଚେତନା, ଜାଣିଥିଲେ ସେ ନିଜର ପ୍ରତିଟି ରକ୍ତକଣିକାରେ ଗୁଞ୍ଜରିତ ହୋଇଉଠୁଛି ଯେଉଁ ସଙ୍ଗୀତ, ତାହାର ମର୍ମାର୍ଥ ହେଲା ମାଆ, ମୁଁ ନୁହେଁ, ଅସମ୍ଭବକୁ ଜୟ କରିଛନ୍ତି ଆପଣ!

ମୋ: ୯୯୩୭୩୬୫୬୯୮

---

## କବିତା

### ନୀଳନିଆଁ
**ଜନ୍ମେଜୟ ପଣ୍ଡା**

ତୁମ ଦୂରତ୍ୱ
ମତେ ଭାଙ୍ଗିଦେଇପାରେ
କାଉଁରିଆ କାଠି ପରି
ଜାଳି ଦେଇପାରେ
ଦିଆସିଲି କାଠି ପରି
ହେଲେ ଆଜି ବି
ଆମ ସମ୍ପର୍କର ମଞ୍ଜିଟା
ଅଙ୍କୁରୋଦ୍‌ଗମ ହେବାକୁ
ପ୍ରୀତିର ବୁନ୍ଦାଏ ପାଣି ଖୋଜୁଛି
ହୃଦୟର ବଞ୍ଜର ଜମିରେ।

ଏତେ ଶୀଘ୍ର ସମ୍ପର୍କଟା
ଅଲଣା ହେଇଯିବ
ପ୍ରେମିକପଣିଆ ଫିକା ହେଇଯିବ
ପ୍ରଣୟର ବୁନ୍ଦାବୁନ୍ଦା ସ୍ମୃତିସବୁ
ପଥର ହେଇଯିବ
ଅବା ତୁମେ ତୁମ ଭିତରର 'ତୁମେ'ଟାକୁ
ଗଳା ଚିପି ନିର୍ମମ ଭାବେ ହତ୍ୟା କରିବ
ଆଉ ସେ ହତ୍ୟାକାଣ୍ଡରେ
ମତେ ଫସେଇ ଦେଇ
ସମସ୍ତଙ୍କ ଆଗରେ ଦୋଷୀ ସଜେଇ
ଲୋକହସା କରେଇବ ବୋଲି
କିଏ ଜାଣିଥିଲା?

ଶବ୍ଦର ଆଗ୍ନେୟ ଉଦ୍‌ଗିରଣ
ସବୁକୁ ଛାତିରେ ସମାଧି ଦେଇ
ତୁମର ଶହେ ମିଛକୁ ଇ ସତ ବୋଲି
ଦାବି କରୁଥିବା ମୁଁ
ହୁଁ କାର ମାରି ସାରା ଦୁନିଆ ସହ
ଯୁଝି ଯିବାକୁ ବସିଥିବା ବେଳେ
ତୁମେ ତୁମ ମାୟାର ନିଃଶବ୍ଦ
ଅମୋଘାସ୍ତ୍ର ଫିଙ୍ଗିଲ ବେଫିକର ହୋଇ
ଆଉ ବେଙ୍କିଆଟେ ମାରି ଭାଙ୍ଗିଦେଲ
ବହୁ କଷ୍ଟରେ ସଳଖି ଥିବା ଅଣ୍ଟାକୁ।

ସିଏଫ୍‌ଏଲ୍ ବଲ୍‌ର ଚାରିପଟେ
ଘୂରି ବୁଲୁଥିବା
ଗୋବର ମୁଣ୍ଡିଆ ଗୋବର ପୋକ ପରି
ମୁଁ ବି ଖୁ' ଡେରିରେ ବୁଝିଲି
ତୁମ ଅନ୍ତରର ନୀଳନିଆଁକୁ
ଆଗରୁ ବୁଝିଥିଲେ ହୁଏତ
ମନର ଆବେଗ ସବୁକୁ
କବର ଦେଇପାରିଥା'ନ୍ତି
ନିଜ ଔକାତର ପିରାମିଡ୍ ତଳେ।

ପ୍ରେମର ଦହନ
ଆଉ ଅତୀତର ରୋମନ୍ଥନରେ
ବଞ୍ଚି ହୁଏ ବୋଲି
ଶିଖେଇଥିବା ତୁମକୁ
ଅଶେଷ ଅଶେଷ ଧନ୍ୟବାଦ।

ମୋ: ୭୦୦୮୭୫୨୬୩୧

### ଆଜି ରାତିରେ
**ଶ୍ରୀହରି ଧଳ**

ଆଜି ରାତିରେ ହୁଏତ ଇତିହାସ
କଡ଼ ଲେଉଟାଇପାରେ
ଭୋକ ଡାକରେ ଭାଙ୍ଗି ଯାଉଥିବ
କଙ୍କୁଆଳର ନିଦ।

ମିଶିବ ରକ୍ତ ନଈରେ
ଆଉ କେଇ ଟୋପା ରକ୍ତ
ଶକତ ହେଉଥିବ ପଥର ମଣିଷର ହାତ
ବୋହି ନେବାକୁ ଚିରୁଡ଼େ ନିଆଁ
ପଥର ଠିକଣା ଯାଏ, ଗୋଟେ ଧ୍ୱଂସର
ଚିତ୍ର ଆଙ୍କୁ ଆଙ୍କୁ ଚିତ୍ରକର
ଶେଷତମ ସ୍ୱର୍ଶ ଦେଉଥିବ ଛବିଟେ
ଆଜି ରାତିରେ ଘୋଡ଼ାଶାଳରୁ ଶୁଭିବ
କୁଆଁ କୁଆଁ, ଚମକିବେ
ଈଶ୍ୱର ଓ ପାହାଡ଼ମାନେ।

ନୂଆ ଇତିହାସଟେ
ଲେଖାଇ ନେଉଥିବ ନିଜକୁ ନିଜେ।
ଆଜି ରାତିରେ ହୁଏତ
ଖସିପଡ଼ିବ ଗୋଟେ ପ୍ରାଚୀନ ଦୁର୍ଗର
ଶେଷତମ ପଥର
ଅନ୍ଧାର ଛାତିଫାଡ଼ି
ଭରାନଈକୁ ବି ଭାଗକରି
ଗଢ଼ାଯିବ ଗୋଟେ ଅଗ୍ନିପଥ।

ଗଉଁତରା, କପାସି, ଚିତାଳୋ, ଯାଜପୁର

### ଅପାସୋରା ମୁହୂର୍ତ୍ତ
**ଅନସୂୟା ପଣ୍ଡା**

ସମୟର ଶିଡ଼ିରେ ପାହାଚ ପରେ ପାହାଚ
ଚଢ଼ିବାର ଅଜସ୍ର ପ୍ରୟାସ
ପଣତକାନିରେ ଗଣ୍ଠିପଡ଼ିଛି
ଅନେକ ଇତିହାସ
ସ୍ମୃତିର ସିନ୍ଦୁକରେ
ଅନେକ ଅପାସୋରା ମୁହୂର୍ତ୍ତର ଆର୍ତ୍ତସ୍ୱର
ଖୁସିର ଗୁଞ୍ଜରଣ।

ଆଖିରେ ଲୁହ ଆଣେ ଓଠରେ ହସ
ମନ ବିଭୋର ହେଇଯାଏ
ଭାବନାରେ ଜହ୍ନ ସାଥେ ଖେଳେ
ଆଞ୍ଜୁଳାଭର୍ତ୍ତି ଅନ୍ଧାରରେ ଆଲୋକକୁ ଭରେ
ମନ ଭିଜିଯାଏ ଭିନ୍ନ ଏକ ପୁଲକରେ।

ହଜିଲା ଶ୍ରାବଣର ମନ୍ଥନରେ
ପୁଣି ବର୍ଷା ପରର ଥଣ୍ଡା ପବନରେ
ଭାସି ଆସେ
ଚୋରା ସମୟର ଫେରାର ଅତୀତ
ପୁଣି ଚୁପିଚୁପି ଦେଖେ
କ୍ଳାନ୍ତ ବାସର ଅସଜଡ଼ା ମନକୁ
ଖୁବ୍ ପରିବର୍ତ୍ତନ ଚାରିଆଡ଼େ ନିଶ୍ଚୁପ ସ୍ପନ୍ଦନ।

ମୋ: ୯୪୩୯୨୧୧୯୭୧

---

## ପୁସ୍ତକ ପରିଚୟ

### ଯଦି ସେ ଈଶ୍ୱର ହୋଇଥାନ୍ତି !




**କବି:** ପ୍ରଦୀପ କୁମାର ପଣ୍ଡା
**ପ୍ରକାଶକ:** ଟାଇମ୍ ପାସ୍, ବରମୁଣ୍ଡା, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୨, **ମୂଲ୍ୟ:** ଟ. ୧୯୫/–

ଶହେଟି କବିତାକୁ ନେଇ ପରିକଳ୍ପିତ ପ୍ରଦୀପଙ୍କର ଆଲୋଚ୍ୟ କବିତାଗ୍ରନ୍ଥ। ପ୍ରଚ୍ଛଦଲେଖରେ କବି ଦୁର୍ଗାପ୍ରସାଦ ପଣ୍ଡା କହିଛନ୍ତି: ''ଭାବରେ ସଘନତା ଓ ଶବ୍ଦଗୁମ୍ଫନରେ ଅପୂର୍ବ କାରିଗରି ମଧ୍ୟରେ ଏକ ସୁନ୍ଦର ସମନ୍ୱୟ ରକ୍ଷା କରି କବିତାର ସ୍ଥାପତ୍ୟ ନିର୍ମାଣ କରନ୍ତି କବି ପଣ୍ଡା। x x ଉଚ୍ଚାରଣରେ ସେ ଯେତିକି ବିଦ୍ରୋହୀ, ସେତିକି ମନନଶୀଳ ଓ ଅନ୍ତର୍ମୁଖୀ, ଯେତିକି ବୌଦ୍ଧିକ, ସେତିକି ଅଭିକର୍ଷୀ, ଯେତିକି ପାର୍ଥିବ, ସେତିକି ପାରଲୌକିକ।'' ଗଦ୍ୟରେ ଯେ ତିଆରି ହୋଇପାରେ ବିସ୍ମୟକର କବିତା, ତାହା ଏହି ବହିଟି ନ ପଢ଼ିଲେ ଜାଣିହୁଏ କ୍ୱଚିତ୍। ''ଦୂରରେ ଏକ ଗାଁ। ଲୋକମାନେ ସେଠି ଏତେ ପାଖରେ ପାଖରେ ଯେ ଶୁଭେ ନାହିଁ ସାମାନ୍ୟ ବି ସ୍ୱର ; ଅନ୍ୱେଷଣର। x x ଏତେ ପାଖରେ ସେମାନେ ଯେ, କେହି କାହାର ମୁହଁକୁ ଦେଖିନାହାନ୍ତି ଯେମିତି ଏଯାଏ।'' ('ଟିକିଏ ଦୂରରେ', ପୃ: ୧୧) ଏବଂ ''କାହାଣୀ ସରେ ନାହିଁ ଶେଷ ପୃଷ୍ଠାର ଶେଷ ଧାଡ଼ିର ଶେଷ ଅକ୍ଷରରେ। ସରେ ନାହିଁ ବୋଲି ତାହା କାହାଣୀ, ଏକଥା ଚେତେଇ ଦେଉଥାଏ ପରଟି।'' ('ପର', ପୃ: ୧୩)– ଏସବୁ ଗଦ୍ୟ, କିନ୍ତୁ ଏହାର ଶିରାପ୍ରଶିରାରେ ସଞ୍ଚରି ରହିଛି ଅପୂର୍ବ କବିତା। ନୁହେଁ କି? ପ୍ରଦୀପଙ୍କ କବିତା କେବେକେବେ ଉଠିଆସେ ଦର୍ଶନର ହାତଧରି ପାଠକର ମନନକୁ। ଯଥା: ''ସମୁଦ୍ର ; ଲମ୍ଫ ମାରେ/ ଯେତିକି ଲଙ୍ଘେ ସେତିକି ସମୁଦ୍ର/ ଘୁଞ୍ଚେ ଯେତିକି ସେତିକି ମୁଁ,/ ମୁଁ ମତେ ଦେଖିପାରେ ନାହିଁ/ ଦେଖେ ଏକ ଭଙ୍ଗା ଆହୁଲା।'' ('ସମୁଦ୍ର', ପୃ: ୬୬)। ଉଦାହରଣ ପ୍ରଚୁର, ତମାମ ବହି, ଏରୁଣ୍ଡିରୁ ଅନ୍ତରାଳ ପ୍ରତିଟି ଶବ୍ଦ, ପ୍ରତିଟି ବାକ୍ୟର ଯାତ୍ରା। ସୀମାକୁ ଛୁଇଁଛୁଇଁ ରହେ ଅସୀମତା। ବହିର ପ୍ରାୟ କବିତାରେ ଜୀବନ ଧରାଦିଏ ତା'ର ଯାବତୀୟ ପରିଚୟ ଓ ପ୍ରକାଶ ନେଇ। 'ଆଈ' କବିତାର ଏଇ ଧାଡ଼ିଟି 'କବାଟ କୋଣରେ ଶୁଖିଲା ପତ୍ରଟିଏ ପରି/ ଦଉଡ଼ି ଖଟରେ ମୋର ଆଈ' ଧନ୍ୟ କରିଦିଏ ଓଡ଼ିଆ ଭାଷାରେ ଏବେ ବି ପ୍ରକଟ ଅପେକ୍ଷାରେ ଥିବା ସଲ୍ଲଜ ବାଙ୍ମୟକୁ। ବହିଟିର ଗ୍ରାହକତା ଅବିସଂବାଦୀ।

### ପଞ୍ଚଧ୍ୱନି




**ଲେଖକ:** ଉମାଶଙ୍କର ମିଶ୍ର
**ପ୍ରକାଶକ:** ଭାଷା ପ୍ରକାଶନ, ମର୍କତ ନଗର, କଟକ–୧୪
**ପ୍ରଥମ ପ୍ରକାଶ:** ୨୦୨୨, **ମୂଲ୍ୟ:** ଟ.୧୪୦/–

'ପଞ୍ଚଧ୍ୱନି'ରେ ମାନବାନୁଭବର ପାଞ୍ଚଟି ଧ୍ୱନି ଉଚ୍ଚାରିତ ହୋଇଛି। ପାଞ୍ଚଟି ଲେଖା– 'ଗ୍ଳାନି', 'ଭ୍ରମ', 'ଶତ୍ରୁ', 'ବିଡ଼ମ୍ବନା' ଓ 'ମହାମାରୀ'। ଏସବୁ ଲେଖାକୁ ଲେଖକ ଉପନ୍ୟାସିକାର ଆଖ୍ୟା ଦେଇଛନ୍ତି। ମଣିଷ ତା' ଜୀବନରେ ଯେଉଁ ଯେଉଁ ଦାରୁଣ ସ୍ଥିତିର ସାମ୍ନା କରିଥାଏ ଓ ଯାହା ତା'କୁ ଅବସ୍ଥାରୁ ଅବସ୍ଥାନ୍ତରକୁ ଘେନିଯାଇଥାଏ, ସେସବୁର ଏକ ଏକ ନମୁନା ଏହି ଲେଖା। ବିଶ୍ଳେଷଣଧର୍ମିତା ରଚନାଗୁଡ଼ିକର ପ୍ରମୁଖ ଲକ୍ଷଣ। ନିରୁପାୟ ଭାଗ୍ୟ ଓ ତା'ର ସକଳ ସମ୍ଭାବ୍ୟ ବିଡ଼ମ୍ବନାକୁ ଲେଖକ ତାଙ୍କର ପ୍ରତି ଲେଖାରେ ଅବିକଳ ତୋଳି ଧରିଛନ୍ତି। ପ୍ରକାଶକ ଲେଖିଛନ୍ତି: ''ତାଙ୍କର ଗୋଟିଏ ବହି ପଢ଼ିବା ଆରମ୍ଭ କଲେ, ପାଠକର ଚିନ୍ତା ହୁଏ ଏହାକୁ କିପରି ଶେଷ କରିବୁ। ଶେଷ ନ କରିଲା ପର୍ଯ୍ୟନ୍ତ ଅନ୍ୟ କାମରେ ମନ ଲାଗେନି।'' ମୋ ମତରେ ଏହା ତାଙ୍କ ଲେଖାର ବୈଶିଷ୍ଟ୍ୟ। 'ଉତ୍କଣ୍ଠା' ନିର୍ମାଣ ଉମାଶଙ୍କରଙ୍କ ଲେଖାର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ। 'ଗ୍ଳାନି'ର ସେଇ ଭଦ୍ର ମହିଳା, ଯାହାଙ୍କୁ ଉପନ୍ୟାସିକାର ନାୟକ ଚିହ୍ନିପାରୁ ନାହାନ୍ତି– ଏହାର ଗୋଟିଏ ଦୃଷ୍ଟାନ୍ତ। 'କଥ୍ୟ'କୁ ଆଙ୍କୁଶୀ ଲଗେଇ ଆଗକୁ ଆଗକୁ ଭିଡ଼ିନେବାରେ ଥାଏ ମିଶ୍ରଙ୍କ ଲେଖାର ସାର୍ଥକତା। 'ମନସ୍ତାତ୍ତ୍ୱିକତା' ଲେଖାଗୁଡ଼ିକର ଅନ୍ୟ ଲକ୍ଷ୍ୟଣୀୟ ଦିଗ। କାହାଣୀର ଉପସ୍ଥାପନା ଏତେ ଘରୁଆ ଯେ ମନେହେବ ଯେପରି ଅତି ଆପଣାର ଦି'ଜଣ କେହି ପାଖକୁ ପାଖ ବସି ତାଙ୍କର ଅଙ୍ଗେନିଭା କାହାଣୀ ଗପିଚାଲିଛନ୍ତି। 'ଶତ୍ରୁ'ରେ ଚୋରି କରି ଧରାପଡ଼ିଥିବା ଲୋକଟି ପୋଲିସର ଜେରାରେ ଯେଉଁ ଉତ୍ତର ଦେଇଛି, ତାହା ପଢ଼ିଲେ ଆଜିର ସମାଜ ବ୍ୟବସ୍ଥା ପ୍ରତି କ୍ରୋଧ ଓ ଘୃଣା ଜାତ ହୁଏ ଯୁଗପତ୍। ବ୍ୟାଙ୍କରୁ ଋଣ ଆଣିବାକୁ ଯାଇ ଲୋକଟିର ଯେଉଁ ହଟହଟା ଓ ତା'ର ନିରୁପାୟ ସିଦ୍ଧାନ୍ତ 'ଯେଉଁ ବେପାରରେ ମୂଳ ପୁଞ୍ଜି ନ ଲାଗିବ, ମୁଁ ସେଇ ବେପାରରେ ଲାଗିଲି'– ଅର୍ଥାତ୍ ସେ ଚୋରି କଲା ବିବଶ ହୋଇ। ବହିଟିର ସବୁଯାକ ଲେଖା ପାଠକଙ୍କ ମନକୁ ଛୁଇଁବ ଓ ଭାବିତ କରିବ।

---

## ପଥରର କ୍ଷୋଭ

**ମୂଳହିନ୍ଦୀ–ମୀରା ଜୈନ୍**
**ଅନୁସୃଜନ–ବିନୟ କୁମାର ଦାସ**

*ଅନୁବାଦ ଗଳ୍ପ*

ମାଟି ଦେଖିଲା ତା' ପାଖରେ ପଡ଼ିଥିବା ପଥରଟି ଆଖିରେ ଲୁହ ଛଳଛଳ ହେଉଛି। ତାକୁ ଭାରି ଦୁଃଖ ଲାଗିଲା କାରଣ ସେ ସବୁବେଳେ ଦେଖି ଆସୁଥିଲା ପଥରଟି ବେଶ୍ ଖୁସିରେ ରହିଥିଲା।

ସେ ଧୀର ଆଉ କୋମଳ ସ୍ୱରରେ ପଚାରିଲା– ''ପଥର ଭାଇ, ମୋ' ଜାଣିବାରେ ତୁମଠାରୁ ଅଧିକ କଠୋର ବୋଧହୁଏ ଏ ଦୁନିଆରେ ଆଉ କେହି ନାହିଁ। କିନ୍ତୁ ଆଜି ମୁଁ ଏ କ'ଣ ଦେଖୁଛି! ତୁମ ଆଖିରେ ଲୁହ? କ'ଣ ହୋଇଛି?'' ଏତକ ଶୁଣି ପଥର ଭୋ ଭୋ ହୋଇ କାନ୍ଦିବାକୁ ଲାଗିଲା। କିଛି ସମୟ ପରେ ନିଜକୁ ସଂଯତ କରି କହିଲା– ''ଭଉଣୀ, ମୁଁ ବର୍ଷବର୍ଷ ଧରି ଜିଇ ରହିଥିଲି ବାସ୍ ସେଇ ଗୋଟିଏ ଆଶା ଆଉ ସ୍ୱପ୍ନକୁ ନେଇ, ଆଉ ମୋର ବିଶ୍ୱାସ ଥିଲା ଦିନେ ନା ଦିନେ ମୋ' ଆଶା ପୂରଣ ହେବ। ମୋ' ସ୍ୱପ୍ନ ସାକାର ହେବ। ଆଉ ସେ ଆଶା ଥିଲା– ଦିନେ କେହି ଜଣେ ଶିଳ୍ପୀ ମୋତେ ନେଇଯାଇ ତା' ନିହାଣ ମୁନରେ ଗଢ଼ିଦେବ ଭଗବାନ୍‌ଙ୍କର ମୂର୍ତ୍ତିଟିଏ। ହେଲେ!'' ପୁଣି ସେ କାନ୍ଦିବାକୁ ଲାଗିଲା।

କିଛି ସମୟ ପରେ କହିଲା, ''ଦିନେ ଜଣେ ମୋ' ପାଖକୁ ଆସିଲା ଆଉ ତା' ସାଙ୍ଗରେ ମୋତେ ଅତି ଯତ୍ନର ସହିତ ନେଇଗଲା। ମୋ' ମନରେ ଖୁସିର ଲହରି ଖେଳିଗଲା। ଭାବିଲି ମୋର ଦୀର୍ଘଦିନର ଆଶା ଖୁବ୍ ଶୀଘ୍ର ପୂରଣ ହେବାକୁ ଯାଉଛି। କିନ୍ତୁ ସେ ଯେ ମୋତେ ଭଗବାନ୍‌ଙ୍କ ମୂର୍ତ୍ତି ନ କରି ତା' ଶତ୍ରୁକୁ ଭଗବାନ୍‌ଙ୍କ ପାଖରେ ପହଞ୍ଚାଇବା ପାଇଁ ବ୍ୟବହାର କରିବ, ଏକଥା ମୁଁ କେବେ ବି ଭାବି ନ ଥିଲି।''

ମୋ: ୭୯୭୮୮୬୦୩୬୩

---

## କାଳକାଳକୁ



''ଗଳ୍ପର ପ୍ରଥମ ଧାଡ଼ିଟି ଲେଖିବା ସବୁବେଳେ କଷ୍ଟକର। କେବେ, କେତେବେଳେ ଏହା ଆସିବ କହିହେବ ନାହିଁ।''
– ବିଟ୍ରିକ୍ସ ପୋଟର

**ବିଟ୍ରିକ୍ସ ପୋଟରଙ୍କ** ଜନ୍ମ ୨୮ ଜୁଲାଇ ୧୮୬୬ରେ, ଲଣ୍ଡନରେ ଓ ପରଲୋକ ସେଇଠି, ୨୨ ଡିସେମ୍ବର ୧୯୪୩ରେ। ସେ ଏକାଧାରରେ ଲେଖିକା, ଚିତ୍ରଶିଳ୍ପୀ ଓ ସଂଳାପୀ। ଜୀବଜନ୍ତୁଙ୍କୁ ନେଇ ରଚିତ ଶିଶୁ–ରଚନା ପାଇଁ ସେ ଅଧିକ ପରିଚିତା, ଯାହାର ଉଦାହରଣ ହେଉଛି– 'ଦ ଟେଲ୍ ଅଫ୍ ପିଟର୍ ର୍ୟାବିଟ୍'। ସେ ମୋଟ ୩୦ଟି ପୁସ୍ତକର ରଚୟିତା। କଷ୍ଟଲବ୍ଧ ସଂଚୟରେ ଲେକ୍ ଡିଷ୍ଟ୍ରିକ୍ଟରେ ସେ କିଣିଥିବା ଭୂ–ସମ୍ପତ୍ତିକୁ 'ଜାତୀୟ ଉଦ୍ୟାନ' ପ୍ରତିଷ୍ଠା ପାଇଁ ଅକାତରରେ ଦାନ କରିଦେଇଥିଲେ। ପୋଟରଙ୍କର ବହୁ କାହାଣୀ ସଂଗୀତ ଓ ଚଳଚ୍ଚିତ୍ର ଆଦିରେ ରୂପାୟିତ ହୋଇଛି ଏବଂ ତାଙ୍କ ଜୀବନକୁ ନେଇ ଦୁଇଟି ଫିଲ୍ମ ଓ ଏକ ଟେଲିଭିଜନ ଧାରାବାହିକ ନିର୍ମିତ ହୋଇଛି।

---

## କାଳୀ ଝିଅ

**ସୁନୀତା ପ୍ରଧାନ**

*ଲଘୁ ଗଳ୍ପ*

କୌଣସି ଏକ ପ୍ରସାଧନ କମ୍ପାନୀର 'ଗୋରା ହେବା ଫେସ୍ କ୍ରିମ୍'ର ମଡେଲ ସାଜିବା ପାଇଁ ଅଡିଶନ ଦେବାକୁ ଆସିଥା'ନ୍ତି ଦୂର ଦୂରାନ୍ତରରୁ ଅନେକ ସୁନ୍ଦର ସୁନ୍ଦର ଆଶାୟୀ ପ୍ରାର୍ଥୀ।

ଅଡିଶନ୍ ଆରମ୍ଭ ହୋଇଯାଇଥାଏ। ଏତିକିବେଳେ ସେଠି ପହଞ୍ଚିଲା ଏକ କାଳୀ ଝିଅ। କଳା ମାନେ ଅଙ୍ଗାର ପରି କିଟ୍‌କିଟ୍ କଳା।

ତାକୁ ଦେଖି ଶୁଟିଂ ସେଟ୍‌ର ଅନେକ ଲୋକ ହସିବାକୁ ଲାଗିଲେ। ଶୁଟିଂ ଦାୟିତ୍ୱରେ ଥିବା ଡାଇରେକ୍ଟର, କ୍ୟାମେରାମ୍ୟାନ୍ ଓ ଅନ୍ୟ ବ୍ୟକ୍ତିମାନେ ତାକୁ ଦେଖି ହସି ଅତି ବିଦ୍ରୂପ ସ୍ୱରରେ କହିଲେ, ''ଦର୍ପଣରେ କେବେ ତୋ' ମୁହଁ ଦେଖିଛୁ। ଝିଅ ନୁହଁ ତ ତୁ ଏକ କଳା ଜୋକ। ତୁ ପୁଣି ଆମ ମଡେଲ ହେବୁ!''

ଏମାନଙ୍କ କଥା ଶୁଣି ସେଠାରେ ଉପସ୍ଥିତ ଥିବା ସବୁ ସୁନ୍ଦରୀ ମଧ୍ୟ ହସିବାକୁ ଲାଗିଲେ।

ହାସ୍ୟରୋଳରେ ଫାଟି ପଡୁଥାଏ ସମଗ୍ର ଶୁଟିଂ ସେଟ୍। ଏମାନଙ୍କ ତାଚ୍ଛଲ୍ୟ ଓ ବ୍ୟଙ୍ଗଭରା କଟାକ୍ଷ ଶୁଣି ଝିଅଟି ଆଦୌ ଅପମାନିତ କି ଲଜ୍ଜିତ ହେଲା ନାହିଁ।

ଆଦୌ ହତୋତ୍ସାହିତ ନ ହୋଇ ଝିଅଟି କହିଲା, ''ଆରେ ମୁଁ ତ ଆପଣଙ୍କ କମ୍ପାନୀର ପ୍ରଶଂସା ଶୁଣି ଏଇୟା ପରଖିବାକୁ ଆସିଥିଲି ଯେ ଆପଣଙ୍କ କମ୍ପାନୀର କ୍ରିମ୍ ଲଗେଇଲେ ମୋ' ଭଳି କାଳୀ ଝିଅମାନେ ସତରେ ଗୋରୀ ପାଲଟିଯାଆନ୍ତି ନା ଏହା ଲୋକଙ୍କୁ ଭ୍ରମିତ କରିବାର ଏକ ଚକ୍ରାନ୍ତ ମାତ୍ର।''

ଆପଣଙ୍କ କ୍ରିମ୍ ଲଗେଇଲେ କଳା ରଙ୍ଗ ଯଦି ଡୋଫା ରଙ୍ଗରେ ପରିଣତ ନ ହେଉଛି, ତେବେ ଏହି କ୍ରିମ୍‌ର କୌଣସି ମୂଲ୍ୟ ହିଁ ନାହିଁ।

ଏତକ କହି ଝିଅଟି ଯିବାକୁ ବାହାରିଲା। ଯିବା ପୂର୍ବରୁ ଝିଅଟି ନିଜ ମୁହଁଟିକୁ ଟିସୁ ପେପରରେ ଭଲ ଭାବେ ପୋଛି ପକେଇଲା।

ଏ କ'ଣ! ସମସ୍ତେ ସ୍ତବ୍ଧ ହୋଇଗଲେ କ୍ଷଣକ ପାଇଁ। ସେ ଝିଅଟି ଆଉ କେହି ନ ଥିଲା। ସେ ଥିଲା ଜଣେ ନାମୀ ସୁନ୍ଦରୀ ମଡେଲ।

ପ୍ରଡ୍ୟୁସର୍ ମହାଶୟ ଏହା ଦେଖି ଆଶ୍ଚର୍ଯ୍ୟ ହୋଇ ନିଜ ଭୁଲ୍ ସୁଧାରିବାକୁ ଆସି ମଡେଲ ଜଣଙ୍କୁ କ୍ଷମା ମାଗି କହିଲେ, ''ଆମର ଭୁଲ୍ ହୋଇଗଲା ଆପଣଙ୍କୁ ଚିହ୍ନିବାରେ।'' ଆପଣଙ୍କ ପରି ମଡେଲ ପାଇବା ଆମ ପ୍ରଡକ୍ଟ ପାଇଁ ଗୌରବର ବିଷୟ। ଆପଣ ହିଁ ଏବେ ଆମ କମ୍ପାନୀର ବ୍ରାଣ୍ଡ ଆମ୍ବାସାଡର୍।''

ପ୍ରଡ୍ୟୁସର୍‌ଙ୍କ କଥା ଶୁଣି ମଡେଲ ଜଣଙ୍କ ଖୁବ୍ ନମ୍ରତାର ସହ କହିଲେ, ''କ୍ଷମା କରିବେ ଯେଉଁଠି ମନୁଷ୍ୟକୁ ତା' ରଙ୍ଗ ରୂପ ପାଇଁ ଭେଦଭାବର ସମ୍ମୁଖୀନ ହେବାକୁ ପଡ଼େ, ସେମିତି ଏକ ଜିନିଷର ଆଡ୍‌ଭର୍ଟାଇଜ୍‌ମେଣ୍ଟ କରି ମୁଁ ଲୋକଙ୍କୁ କଦାପି ଭ୍ରମିତ କରିପାରିବି ନାହିଁ। ଏହା ମୋ' ଆଦର୍ଶ ଓ ମୋ' ନୀତି ବିରୁଦ୍ଧ।''

ଏତକ କହି ଜୋର୍‌ରେ ଏକ୍‌ଜିଟ୍ ଗେଟ୍ ଆଡ଼କୁ ପାଦ ବଢ଼ାଉଥିଲେ ସୁନ୍ଦରୀ ଜଣକ ଓ ତା' ଯିବାବାଟକୁ ଜଳକା ହୋଇ ଚାହିଁ ରହିଥିଲେ ସଭିଏଁ।

ମୋ: ୭୭୪୯୮୫୦୫୭୫



ଧରିତ୍ରୀ
DHARITRI
ଶନିବାର, ୩୦ ଜୁଲାଇ, ୨୦୨୨



## ସଂକ୍ଷେପରେ

### ଆଜି କଳା ପରିଷଦ ଭବନ ତାଲା ଭଙ୍ଗାଯିବ

**ଢେଙ୍କାନାଳ ଅଫିସ, ୨୯।୭:** କପିଳାସ ପୀଠ ପରିସରରେ ଦୀର୍ଘଦିନ ଧରି ବନ୍ଦ ପଡ଼ିଥିବା କଳା ପରିଷଦ ଭବନର ତାଲା ଶନିବାର ପୂର୍ବାହ୍ନ ୧୧ଟାରେ ଭଙ୍ଗାଯିବ। ଢେଙ୍କାନାଳ ଉପଜିଲାପାଳଙ୍କ କାର୍ଯ୍ୟାଳୟର ପତ୍ରସଂଖ୍ୟା ୬୨୮୪ରେ ଗଁଦିଆ ତହସିଲଦାର ଗୀତୁ ବେହେରାଙ୍କୁ ଶୁକ୍ରବାର ଏ ସମ୍ପର୍କରେ ଅବଗତ କରାଯାଇଛି। ଏଥିସହ ନିର୍ବାହୀ ମାଜିଷ୍ଟ୍ରେଟ୍, ସଦର ଏସ୍‌ଡିପିଓ, ଥାନାଧିକାରୀ, ଦେବୋତ୍ତର ନିର୍ବାହୀ ଅଧିକାରୀଙ୍କୁ ମଧ୍ୟ ସୂଚିତ କରାଯାଇଛି। ନିର୍ବାହୀ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ପୋଲିସ ତାଲା ଭାଙ୍ଗିବ। ତାଲା ପଡ଼ିରହିଥିବାରୁ କଳା ପରିଷଦ ଭବନ କାମରେ ଆସୁନାହିଁ। ଏ ନେଇ ପୂର୍ବତନ ବିଧାୟକ ନବୀନ ନନ୍ଦ ଜିଲା ପ୍ରଶାସନ ଏବଂ ଦେବୋତ୍ତର ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ।

### ଅକ୍ଟୋବରରେ କପିଳାସ ଅଭୟାରଣ୍ୟରେ ସଫାରି

**ଢେଙ୍କାନାଳ ଅଫିସ, ୨୯।୭:** ଢେଙ୍କାନାଳ ଜିଲା କପିଳାସ ଅଭୟାରଣ୍ୟ ପରିସରରେ ବନ ବିଭାଗ ପକ୍ଷରୁ ପ୍ରସ୍ତାବିତ ସଫାରି ଆସନ୍ତା ଅକ୍ଟୋବରରୁ କାର୍ଯ୍ୟକ୍ଷମ ହେବ। ଦୁଇମାସ ପରେ ପର୍ଯ୍ୟଟନ ଋତୁ ଆରମ୍ଭ ହେଉଥିବାରୁ ପର୍ଯ୍ୟଟକଙ୍କ ଆକର୍ଷିତ କରିବା ଲାଗି ସଫାରି ଆରମ୍ଭ ହେବ। ଏଥିଲାଗି ୨ଟି ଗାଡ଼ି ପ୍ରସ୍ତୁତ ରହିଛି। ପର୍ଯ୍ୟଟକ ସଫାରି ମାଧ୍ୟମରେ କପିଳାସ ଅଭୟାରଣ୍ୟର ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିବା ସହ ନିକଟରୁ ବନ୍ୟପ୍ରାଣୀଙ୍କୁ ଦେଖିବାର ସୁଯୋଗ ପାଇପାରିବେ ବୋଲି ଡିଏଫ୍‌ଓ ଡ. ପ୍ରକାଶଚାନ୍ଦ ଗୋଗିନେନି ସୂଚନା ଦେଇଛନ୍ତି। ସେହିପରି ହିନ୍ଦୋଳ ରେଞ୍ଜ କନ୍ଧରା ସଂରକ୍ଷିତ ଜଙ୍ଗଲରେ ମଧ୍ୟ ଏକ ସଫାରି କରାଯିବା ପାଇଁ ଯୋଜନା କରାଯାଉଥିବା ସେ କହିଛନ୍ତି।

### ଅସହାୟା ବୃଦ୍ଧାଙ୍କ ମୃତଦେହ ସଂସ୍କାର କଲେ ସ୍ୱେଚ୍ଛାସେବୀ

**ଢେଙ୍କାନାଳ ଅଫିସ, ୨୯।୭:** ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ତୁମୁସିଙ୍ଗା ଆମ୍ବଖୋଲକାଟେଣୀ ଗ୍ରାମର ଝିଟା ନାୟକ (୭୫)ଙ୍କ ଜିଲା ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ମୃତ୍ୟୁ ଘଟିଛି। ମୃତ୍ୟୁଶଯ୍ୟା ନିକଟରେ ସ୍ୱାମୀ ଗିରିଧାରୀ ନାୟକ (୮୧) ଅସହାୟ ଅବସ୍ଥାରେ କାନ୍ଦୁଥିବାବେଳେ ରେଡ୍‌କ୍ରସ୍ ସ୍ୱେଚ୍ଛାସେବୀ କବିତା ବେହେରା ପହଞ୍ଚି ଆଲୋଚନା କରିଥିଲେ। ଆର୍ଥିକ ଅବସ୍ଥା ଠିକ୍ ନ ଥିବାରୁ ଏବଂ ଗ୍ରାମବାସୀ କଟକଣା ଜାରି କରିଥିବାରୁ ସ୍ତ୍ରୀଙ୍କ ଶବ ଗ୍ରାମକୁ ନେବା ଲାଗି ସେ ଅକ୍ଷମତା ପ୍ରକାଶ କରିଥିଲେ। ସୂଚନା ପାଇ ଜିଲା ରେଡ୍‌କ୍ରସ୍‌ର ଆଜୀବନ ସଦସ୍ୟ ରାଜକିଶୋର ବେହେରା, ସାଇଟ୍ରଷ୍ଟର ଶିବପ୍ରସାଦ ପଣ୍ଡା ସହଯୋଗର ହାତ ବଢ଼ାଇଥିଲେ। ଗିରିଧାରୀଙ୍କ କନିଷ୍ଠ ପୁତ୍ର ମଙ୍ଗରାଜ ନାୟକ, ନାତି ଜଗବନ୍ଧୁ ନାୟକଙ୍କ ଉପସ୍ଥିତିରେ ମହିଷାପାଟସ୍ଥିତ ଖଇରଗଡା ଶ୍ମଶାନରେ ବୃଦ୍ଧାଙ୍କ ଅନ୍ତିମ ସଂସ୍କାର କରାଯାଇଥିଲା। ଅସହାୟ ଗିରିଧାରୀଙ୍କୁ 'ଐରା' ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦ୍ୱାରା ପରିଚାଳିତ ବୃଦ୍ଧାଶ୍ରମକୁ ପଠାଇ ଦିଆଯାଇଛି। ରେଡ୍‌କ୍ରସ୍ ରେସ୍‌ପନ୍ସ ଗ୍ରୁପର ଦିଲୀପ ସାହାଣୀ, ପଦ୍ମନାଭ ନାୟକ, ସାଇସେବା ଟ୍ରଷ୍ଟର ସୁବାସ ଦାସ, ରଘୁନନ୍ଦନ ସାହୁ, ସୁବନ ସିଂ, ରମାକାନ୍ତ ପତି, ଲକ୍ଷ୍ମୀ ନାଥ, ବିଚିତ୍ର ବେହେରା ପ୍ରମୁଖ ଏହି ମହତ୍ କାର୍ଯ୍ୟରେ ସହଯୋଗ କରିଥିଲେ।

# କଷ୍ଟ ଦେଉଛି କ୍ରଶର ଗୁଣ୍ଡ



■୩ କିଲୋମିଟର ରାସ୍ତା ପାଲଟିଛି ମରଣଯନ୍ତା
■ପୂର୍ତ୍ତ ବିଭାଗ ହାତକୁ ଯିବା ପରେ ବଢ଼ିଛି ଯନ୍ତ୍ରଣା
■ବ୍ୟବସାୟ ପ୍ରଭାବିତ, ସମସ୍ୟାରେ ଶ୍ୱାସରୋଗୀ

**କାମାକ୍ଷାନଗର, ୨୯।୭(ଡି.ଏନ୍.ଏ.)**

ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ) କର୍ତ୍ତୃପକ୍ଷଙ୍କ ପରିଚାଳନାରେ ଥିବାବେଳେ ରାସ୍ତାର ଉନ୍ନତୀକରଣ ହୋଇପାରୁ ନ ଥିଲା। ଖାଲଖମାରେ ଭର୍ତ୍ତି ହୋଇଥିବା ସଡ଼କ ପାଲଟିଥିଲା ମରଣଯନ୍ତା। ସହରବାସୀଙ୍କ ଜୀବନରେଖା ପାଲଟିଥିବା ଏହି ସଡ଼କକୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରିଦେଲେ ସ୍ଥିତି ସୁଧୁରିବ ବୋଲି ଆଶା ଥିଲା। ହେଲେ ଏହାପରେ ସମସ୍ୟା ସୁଧୁରିବା ପରିବର୍ତ୍ତେ ଆହୁରି ବଢ଼ିଯାଇଛି। ରାସ୍ତା ଉନ୍ନତୀକରଣ ଦାୟିତ୍ୱରେ ଥିବା ଠିକାସଂସ୍ଥା ମରାମତି ନାମରେ ଖାଲଖମାରେ କ୍ରଶର ପଥରଗୁଣ୍ଡ ପକାଇ ଦାୟିତ୍ୱ ସାରି ଦେଇଥିବାବେଳେ ଜିରିଡ଼ାମାଳିଠାରୁ କାମାକ୍ଷାନଗର ଯାଏ ଦୀର୍ଘ ୩ କି.ମି. ରାସ୍ତା ଏବେ ପ୍ରଦୂଷଣ ବଳୟରେ ପରିଣତ ହୋଇଛି । ଏହି କାରଣରୁ ରାସ୍ତାପାର୍ଶ୍ୱ ବ୍ୟବସାୟୀଙ୍କ ବ୍ୟବସାୟ ବନ୍ଦ ହେବାକୁ ବସିଥିବାବେଳେ ଶ୍ୱାସଜନିତ ରୋଗର ଶିକାର ରୋଗୀ ବାହାରକୁ ବାହାରିବାକୁ ଭୟ କଲେଣି।

ଢେଙ୍କାନାଳ ଜିଲା କାମାକ୍ଷାନଗର ସହର ଦେଇ ଯାଇଛି ୫୩ନଂ. ଜାତୀୟ ରାଜପଥ। ଜିଲାର ଅନ୍ୟତମ ବ୍ୟସ୍ତବହୁଳ ଏହି ଏନ୍‌ଏଚ୍‌ର ଦୋହରୀକରଣ କାମ ଜାରି ରହିଛି। ସହର ଭିତରେ ଭିଡ଼ ନିୟନ୍ତ୍ରଣ କରିବା ପାଇଁ ଏକ ବାଇପାସ୍ ରାସ୍ତା ମଧ୍ୟ ନିର୍ମାଣ କରାଯାଉଛି। ଏହି କାରଣରୁ ଆଳତୁମା ଛକ-ଜିରାଡ଼ାମାଳି ଭାୟା କାମାକ୍ଷାନଗର ରାସ୍ତାକୁ ଏନ୍‌ଏଚ୍‌ଏଆଇଠାରୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯାଇଛି। ପୂର୍ତ୍ତ ବିଭାଗ ଅଧୀନକୁ ଆସିବା ପରେ ଉକ୍ତ ୩ କିଲୋମିଟର ଦୀର୍ଘ ରାସ୍ତାର ଉନ୍ନତୀକରଣ ଦାୟିତ୍ୱ ଏକ ଠିକାସଂସ୍ଥାକୁ ଦିଆଯାଇଛି। ହେଲେ ଦୂରଦୃଷ୍ଟି ଅଭାବରୁ ଏବେ ସମସ୍ୟା ଅନେକାଂଶରେ ବଢ଼ିଯାଇଛି। କାରଣ ଦାୟିତ୍ୱଧାରୀ ଠିକାସଂସ୍ଥା ବଡ଼ବଡ଼ ଖାଲଖମାରେ କ୍ରଶର ଗୁଣ୍ଡ ପକାଇ ଫିଲିଂ କରିଥିବାବେଳେ ଭାରିଯାନ ଚଳାଚଳ ପରେ ସେସବୁ ରାସ୍ତାକୁ ଉଠିଯାଇଛି। ବର୍ଷା ହେଲେ ଖାଲଗୁଡ଼ିକରେ ପାଣି ଭର୍ତ୍ତି ହୋଇ ବିପଦକୁ ଆମନ୍ତ୍ରଣ କରୁଥିବାବେଳେ ଖରା ହେଲେ ସାମାନ୍ୟ ପବନରେ କିମ୍ବା ଯାନବାହନ ଚଳାଚଳ କଲେ ଭୟଙ୍କର ଧୂଳି ଉଡ଼ି ଦୋକାନରେ ପଶୁଛି। ପ୍ରଦୂଷଣ ଏତେ ମାତ୍ରାରେ ବଢିଯାଉଛି ଯେ, ରାସ୍ତା ପାର୍ଶ୍ୱରେ ବ୍ୟବସାୟ କରିବା କାଠିକର ପାଠ ହେଲାଣି। ବୈଦ୍ୟୁତିକ ସାମଗ୍ରୀରେ ଧୂଳି ପଶି ଯନ୍ତ୍ରାଂଶ ଖରାପ ହୋଇଯାଉଛି। ସେହିପରି ଘରେ ଧୂଳିର ବହଳ ଆସ୍ତରଣ ଜମିଯାଉଥିବା ଅଭିଯୋଗ ହେଉଛି। ଏହି ବ୍ୟସ୍ତବହୁଳ ସଡ଼କରେ ଧୂଳି ପ୍ରଦୂଷଣ ଅଞ୍ଚଳବାସୀଙ୍କୁ ଅଣନିଃଶ୍ୱାସୀ କରି ପକାଇଥିବାବେଳେ ଏହାକୁ ନେଇ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ରାସ୍ତା କାମ ଯେପରି ତ୍ୱରାନ୍ୱିତ ହୋଇପାରିବ, ସେଥିଲାଗି ପଦକ୍ଷେପ ନେବାକୁ ସହରର ବୁଦ୍ଧିଜୀବୀ, ବ୍ୟବସାୟୀ ଦାବି କରିଛନ୍ତି।

#### ଦୁଇଓଳି ପାଣି ସିଞ୍ଚନ ପାଇଁ ନିର୍ଦ୍ଦେଶ ଦିଆଯାଇଛି



"ଅଧିକ ବର୍ଷା ହେବାରୁ ରାସ୍ତା ନିର୍ମାଣ କାମ ପ୍ରଭାବିତ ହେଉଛି। ଲୋକଙ୍କ ସମସ୍ୟା ବଢ଼ିବାରୁ ଠିକାଦାର ରାସ୍ତା ମରାମତି କରିଛନ୍ତି। ବାରମ୍ବାର ବର୍ଷା ହେଉଥିବାରୁ କାମ ବିଳମ୍ବିତ ହେଉଛି। ବର୍ଷା ଛାଡ଼ିବା ପରେ ରାସ୍ତା କାର୍ଯ୍ୟ ନିଶ୍ଚିତ ଆରମ୍ଭ ହେବ। ଧୂଳି ଯେପରି ନ ଉଡ଼ିବ, ସେଥିଲାଗି ସକାଳ ସନ୍ଧ୍ୟାରେ ଦୁଇ ଓଳି ପାଣି ସିଞ୍ଚନ ବ୍ୟବସ୍ଥା କରିବାକୁ ଠିକା ସଂସ୍ଥାକୁ ନିର୍ଦ୍ଦେଶ ଦିଆଯାଇଛି।

-ଜ୍ୟୋତିଶଙ୍କର ସାହୁ, କାମାକ୍ଷାନଗର ଉପଜିଲାପାଳ

#### ଦୁଃଖ ଦ୍ୱିଗୁଣିତ ହୋଇଯାଇଛି



"ରାସ୍ତାରେ ହୋଇଥିବା ବଡ଼ ବଡ଼ ଖାଲରେ ବର୍ଷା ପାଣି ଜମି ରହୁଥିଲା। ଗାଡ଼ିରେ ଗଲାବେଳେ ଛିଟିକା ମାରୁଥିବାରୁ ଅସୁବିଧା ହେଉଥିଲା। କିନ୍ତୁ ପୂର୍ତ୍ତ ବିଭାଗ ମରାମତି ନାମରେ ରାସ୍ତାରେ ଯେଉଁ କ୍ରଶର ଗୁଣ୍ଡ ପକାଇଲା, ତାହା ଦୁଃଖକୁ ଦ୍ୱିଗୁଣିତ କରିଦେଇଛି। ଏତେମାତ୍ରାରେ ଧୂଳି ଉଡ଼ିବା କେବେ ଜାଣି ନ ଥିଲୁ। ଧୂଳିଦ୍ୱାରା କେବଳ ବ୍ୟବସାୟ ପ୍ରଭାବିତ ହେଉଛି ତାହା ନୁହେଁ, ଆସ୍ଥମା ଓ ଶ୍ୱାସରୋଗୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହେଉଛି।

-ଦେବେନ୍ଦ୍ର କୁମାର ମହାନ୍ତି, ବ୍ୟବସାୟୀ, ମୁଣ୍ଡିଦେଉଳି

### ଧାନ ଫସଲରେ ପୋକ ପ୍ରାଦୁର୍ଭାବ



**ଢେଙ୍କାନାଳ ଅଫିସ, ୨୯।୭**

ଢେଙ୍କାନାଳ ସଦର ବ୍ଲକ ମଣ୍ଡାପାଳ ଗ୍ରାମ ବ୍ରାହ୍ମଣୀ ନଦୀ କୂଳରେ ଥିବା ଚାଷଜମିରେ ପୋକ ପ୍ରାଦୁର୍ଭାବ ଦେଖାଦେଇଛି। ଫଳରେ ବ୍ୟାପକ ଧାନ ଫସଲ ନଷ୍ଟ ହୋଇଛି। ଚାଷୀ ପ୍ରଫୁଲ୍ଲ ବରାଳ, ଆକାଶ ରାଜ, ବସନ୍ତ ବ୍ରହ୍ମ, ଡମ୍ବରୁ ରାଜ, ସର୍ବେଶ୍ୱର ବ୍ରହ୍ମଙ୍କ କହିବା କଥା, ଧାନଗଛରେ 'ବିରିହା' ପୋକ ଆତଙ୍କ ଦେଖାଦେଇଛି। ଗଛସବୁ ମରିଯାଉଛି। ଋଣ କରି ଚାଷ କରିଥିବାର ଚାଷୀଙ୍କ ଚିନ୍ତା ବଢ଼ିଯାଇଛି। ମଣ୍ଡାପାଳ ଗ୍ରାମର ଚାଷୀ ନଦୀକୂଳିଆ ଜମିରେ ଧାନଚାଷ କରିଛନ୍ତି। ଧାନ ପରେ ସେମାନେ ବାଦାମ ଚାଷ କରିଥାଆନ୍ତି। ହେଲେ ପୋକ ପ୍ରାଦୁର୍ଭାବ ଯୋଗୁ ଚାଷୀମାନେ ନିରାଶ ହୋଇଛନ୍ତି। ଏ ସଂକ୍ରାନ୍ତରେ ଜିଲା ମୁଖ୍ୟ କୃଷି ଅଧିକାରୀ ଅଂଶୁମାନ ପଟ୍ଟନାୟକ କୁହନ୍ତି, ମଣ୍ଡାପାଳ ଗ୍ରାମରେ ଧାନଗଛରେ ହିସ୍‌ପା ପୋକ ବ୍ୟାପିଛି, ଯାହାକୁ ସ୍ଥାନୀୟ ଚାଷୀ 'ବିରିହା' ବୋଲି କହିଥାନ୍ତି। କୃଷି କର୍ମଚାରୀମାନେ କ୍ଷେତ୍ର ପରିଦର୍ଶନ କରି ଅନୁଧ୍ୟାନ କରୁଛନ୍ତି। ଶନିବାର ଅଧିକାରୀମାନେ ଘଟଣାସ୍ଥଳକୁ ଯିବେ। ଏହାର ପ୍ରତିକାର ପାଇଁ ଯେଉଁ ଔଷଧ ଲାଗିବ, ସେଥିରେ ବିଭାଗ ପକ୍ଷରୁ ୫୦% ସବ୍‌ସିଡି ଦିଆଯିବ ବୋଲି ସେ ସୂଚନା ଦେଇଛନ୍ତି।

# ଜୟନ୍ତୀରେ ମନେପଡ଼ିଲେ ଜେଆର୍‌ଡି ଟାଟା




କାର୍ଯ୍ୟକ୍ରମରେ କମ୍ପାନୀର ଅଧିକାରୀମାନେ।

**ଢେଙ୍କାନାଳ ଅଫିସ, ୨୯।୭**

ଢେଙ୍କାନାଳ ଜିଲା ନରେନ୍ଦ୍ରପୁରସ୍ଥିତ ଟାଟାଷ୍ଟିଲ୍ ମେରାମଣ୍ଡଳୀ ପକ୍ଷରୁ ଶୁକ୍ରବାର ଭାରତରତ୍ନ ଜେ.ଆର୍.ଡି. ଟାଟାଙ୍କ ୧୧୮ତମ ଜୟନ୍ତୀ ପାଳିତ ହୋଇଯାଇଛି। କମ୍ପାନୀ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ କମ୍ପାନୀର ବରିଷ୍ଠ ନେତୃମଣ୍ଡଳୀ ତଥା ସେୟାର୍ଡ ସର୍ଭିସ୍ ବିଭାଗ ମୁଖ୍ୟ ବେଦପ୍ରକାଶ ଠାକୁର, ସୁରକ୍ଷା ବିଭାଗ ମୁଖ୍ୟ ଅଗମ କୁମାର, ମାନବ ସମ୍ବଳ ବିଭାଗ ମୁଖ୍ୟ ଅମିତାବ ଚନ୍ଦ୍ର ଝା, ପ୍ରଶାସନ ବିଭାଗ ମୁଖ୍ୟ ପି. ଚନ୍ଦ୍ରଶେଖର ରାଓ, ଟୋଟାଲ କ୍ୱାଲିଟି ମ୍ୟାନେଜମେଣ୍ଟ ବିଭାଗ ମୁଖ୍ୟ ଭି. ରବିକୁମାର, ସୁରକ୍ଷା ବିଭାଗ ମୁଖ୍ୟ ଅଭିଷେକ ଶର୍ମାଙ୍କ ସମେତ ଅନ୍ୟ ଅଧିକାରୀମାନେ ଯୋଗଦେଇ ଏହି ମହାନ ବ୍ୟକ୍ତିଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଆବାସିକ କଲୋନୀରେ କର୍ମଚାରୀ ଓ ସେମାନଙ୍କ ପରିବାର ସଦସ୍ୟଙ୍କୁ ନେଇ ଆଥଲେଟିକ୍ସ, ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। କର୍ମଚାରୀଙ୍କ ପାଇଁ ଜେଆର୍‌ଡି ଟାଟା ଓ ତାଙ୍କ ଜୀବନୀ ଉପରେ ଆୟୋଜିତ ଏକ ଅଧିବେଶନକୁ ପ୍ରତିଷ୍ଠିତ ଲେଖକ ଡ. ଗିରୀଶ ପ୍ରସାଦ ସ୍ୱାଇଁ ସମ୍ବୋଧନ କରିଥିଲେ। ଭାରତରେ ପ୍ରଥମ ବ୍ୟବସାୟିକ ବିମାନ ଚାଳକ ପ୍ରମାଣପତ୍ର ପାଇଥିବା ଜେଆରଡି ଟାଟାଙ୍କ ଜନ୍ମବାର୍ଷିକୀ ଅବସରରେ କଲୋନୀର ପିଲାଙ୍କୁ ନେଇ ବିମାନ ମଡେଲ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଆଲୋଚନାଚକ୍ର ସହ ଖଡଗପ୍ରସାଦ ଉଚ୍ଚ ବିଦ୍ୟାଳୟରେ ଚାରା ରୋପଣ କାର୍ଯ୍ୟକ୍ରମର ଆୟୋଜନ ହୋଇଥିଲା। ଅନୁରୂପ ଭାବେ କୁସୁପଙ୍ଗା ଉଚ୍ଚ ବିଦ୍ୟାଳୟ ଓ ଶିବପ୍ରସାଦ ଉଚ୍ଚ ବିଦ୍ୟାଳୟରେ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ୩୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

# ଜିଲା ଦୌରାଜଜ୍‌ଙ୍କ ଅବସର

**ଢେଙ୍କାନାଳ ଅଫିସ, ୨୯।୭**

ଢେଙ୍କାନାଳ ଜିଲା ଦୌରାଜଜ୍ ଶରତ କୁମାର ଦେହୁରୀ ଅବସର ଗ୍ରହଣ କରିଛନ୍ତି। ଜିଲା ଓକିଲ ସଂଘ କାର୍ଯ୍ୟାଳୟରେ ଶୁକ୍ରବାର ଅପରାହ୍ନ ୩ଟାରେ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଜିଲା ଓକିଲ ସଂଘ ସଭାପତି ସଞ୍ଜୟ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାଜଜ୍ ତଥା ସ୍ୱତନ୍ତ୍ର ଜଜ୍ (ଭିଜିଲାନ୍ସ) ସବିତା ଦାସ ଉପସ୍ଥିତ ଥିଲେ। ଓକିଲ ସଂଘ ଉପସଭାପତି ପୁଷ୍ପକ ତ୍ରିପାଠୀ, ସମ୍ପାଦକ ଟଙ୍କଧର ବେହେରା ପ୍ରମୁଖ ଉପସ୍ଥିତ ରହି ବିଦାୟୀ ଜିଲା ଦୌରାଜଜ୍‌ଙ୍କ ଦକ୍ଷତା, କାର୍ଯ୍ୟାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଓକିଲ ସଂଘର ସହଯୋଗ ମନୋଭାବକୁ ବିଦାୟୀ ଜିଲା ଦୌରାଜଜ୍ ପ୍ରଶଂସା କରିଥିଲେ। ଜିଲା ଓକିଲ ସଂଘର ସଦସ୍ୟମାନେ ଉପସ୍ଥିତ ଥିଲେ।



ଓକିଲ ସଂଘ ପକ୍ଷରୁ ଜିଲା ଦୌରାଜଜ୍‌ଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଉଛି।

# ଅଢ଼େଇ ବର୍ଷ ପରେ ଖୋଲିଲା ପିଏସ୍‌ଆର ସିନେମା




**ଢେଙ୍କାନାଳ ଅଫିସ, ୨୯।୭:** କୋଭିଡ୍ ପାଇଁ ଦୀର୍ଘ ଅଢ଼େଇ ବର୍ଷ ଧରି ବନ୍ଦ ରହିବା ପରେ ଶୁକ୍ରବାର ପୁଣି ଥରେ ଖୋଲିଛି ଢେଙ୍କାନାଳ ଦକ୍ଷିଣକାଳୀ ରୋଡ୍ ଅଞ୍ଚଳରେ ଥିବା ପିଏସ୍‌ଆର ସିନେମା ହଲ୍। ଅଞ୍ଚଳବାସୀଙ୍କୁ ମନୋରଞ୍ଜନ ଯୋଗାଇ ଆସୁଥିବା ସହରର ଏକମାତ୍ର ପ୍ରେକ୍ଷାଳୟ ପୁନର୍ବାର କାର୍ଯ୍ୟକ୍ଷମ ହେବା ପରେ ଏହାକୁ ନେଇ ସିନେପ୍ରେମୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ପିଏସ୍‌ଆର ସିନେମା ହଲରେ ସାଉଥ୍ ସୁପରଷ୍ଟାର କମଲହାସନଙ୍କ ଅଭିନୀତ ସିନେମା 'ବିକ୍ରମ'ର ହିନ୍ଦୀ ଭର୍ସନ ପ୍ରଦର୍ଶିତ ହେଉଛି। ଦିନକୁ ୪ଟି ଶୋ' ହେଉଥିବାବେଳେ ଯୁବପିଢ଼ିଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ଏ ସଂକ୍ରାନ୍ତରେ ସିନେମା ହଲ୍ ମୁଖ୍ୟ ନିର୍ବାହୀ ପରିଚାଳକ ଶୁଭେନ୍ଦୁ କବି କୁହନ୍ତି, ପରିସ୍ଥିତିକୁ ଦେଖି ପୁଣିଥରେ ସିନେମା ହଲକୁ ସାନିଟାଇଜ୍ କରାଯାଇଛି। ରାଉରକେଲା, ଯାଜପୁର, ରାୟଗଡ଼ା ଆଦି ସ୍ଥାନରେ ଥିବା ପିଏସ୍‌ଆର ହଲଗୁଡ଼ିକ ଖୋଲିଲାଣି। ଦର୍ଶକମାନେ ପୁଣି ଚଳଚ୍ଚିତ୍ର ଦେଖିବା ପାଇଁ ହଲ୍ ମୁହାଁ ହେବେ ବୋଲି ଆଶା କରୁଛୁ।

# ଚାଷୀଙ୍କ ନିକଟରେ ସରକାରୀ ଯୋଜନା ପହଞ୍ଚାଅ

**କାମାକ୍ଷାନଗର, ୨୯।୭(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଶୁକ୍ରବାର ଆର୍‌ଏମସି ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଉପଜିଲାପାଳ ଜ୍ୟୋତିଶଙ୍କର ସାହୁ, ଅନ୍ୟତମ ଅତିଥି ଭାବେ ଭୁବନେଶ୍ୱର ଏମଆଇସିଏମ୍‌ର ସଂଯୋଜିକା ସୀମା ମିଶ୍ର, ଉପଖଣ୍ଡ ଯୋଗାଣ ଅଧିକାରୀ ସଞ୍ଜୟ ସାହୁ, କାମାକ୍ଷାନଗର ଆରଏମ୍‌ସି ସେକ୍ରେଟାରି ରବିନାରାୟଣ ସାହୁ, ଏଆର୍‌ସିଏସ ଅଧିକାରୀ ସୁଜାତା କର ପ୍ରମୁଖ ଉପସ୍ଥିତ ଥିଲେ। ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କୃଷିଭିତ୍ତିକ ଯୋଜନା ଚାଷୀଙ୍କ ନିକଟରେ ପହଞ୍ଚାଇବା, ଚାଷୀମାନେ ଯେପରି ଏହାର ଲାଭ ଉଠାଇପାରିବେ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଉପଖଣ୍ଡର ବିଭିନ୍ନ ସେବା ସମବାୟ ସମିତିର କର୍ମକର୍ତ୍ତା ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

# ହାତୀଙ୍କ ସୂଚନା ଦେଉଥିବା ସାଇରନ୍ ଅଚଳ



ଅଚଳ ହୋଇପଡ଼ିଥିବା ସାଇରନ।

**ଢେଙ୍କାନାଳ ଅଫିସ, ୨୯।୭**

ଢେଙ୍କାନାଳ ଜିଲା ଦେଇ ଯାଇଥିବା ୫୫ନଂ. ଏନ୍‌ଏଚ୍‌ରେ ଯାତ୍ରୀଙ୍କୁ ହାତୀଙ୍କ ଉପସ୍ଥିତି ସମ୍ପର୍କରେ ସୂଚନା ଦେବା ନିମନ୍ତେ ପରୀକ୍ଷାମୂଳକ ଭାବେ ଲାଗିଥିବା ସାଇରନ୍ ଓ ଆଲର୍ଟ ଲାଇଟ୍ ଅଚଳ ହୋଇପଡ଼ିଛି। ପଥଚାରୀମାନେ ହାତୀଙ୍କ ଚଳପ୍ରଚଳ ସମ୍ପର୍କରେ ସୂଚନା ପାଇପାରୁ ନ ଥିବାବେଳେ ସେମାନଙ୍କ ଜୀବନ ବିପଦରେ ପଡୁଛି। ସଦର ରେଞ୍ଜ ଅଧୀନ ରସାସିଂହ ନିକଟ ତଥା ୫୫ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଏକ ସ୍ୱେଚ୍ଛାସେବୀ ସଂସ୍ଥା ଦ୍ୱାରା ଉକ୍ତ ସାଇରନ୍ ଏବଂ ରେଡ୍ ଆଲର୍ଟ ଲାଇଟ୍ ଲଗାଯାଇଥିଲା। ଏହାର ଆଖପାଖ ଅଞ୍ଚଳରେ ହାତୀ ଚଳପ୍ରଚଳ ହେଲେ ଏଥିରେ ଖଞ୍ଜାଯାଇଥିବା ସେନ୍‌ସର ସକ୍ରିୟ ହୋଇ ସାଇରନ ବାଜୁଥିଲା। ଏଥିସହ ରାତ୍ରି ସମୟରେ ନାଲି ଲାଇଟ୍ ଜଳିଉଠୁଥିଲା। ତେବେ ପ୍ରବଳ ବର୍ଷାରେ ପାଣି ପଶିଯିବାରୁ ଏହା ଏବେ ଅଚଳ ହୋଇପଡ଼ିଛି। ଫଳରେ ସାଇନରରୁ ବିକୃତ ଶବ୍ଦ ବାହାରୁଛି। ଏ ନେଇ ସ୍ଥାନୀୟ ବାସିନ୍ଦା ବନ ବିଭାଗକୁ ଅବଗତ କରାଇଛନ୍ତି।

ଅନ୍ୟପଟେ ଅନୁଗୋଳ ଜିଲା ବନ୍ତଳା ସୀମାନ୍ତ ଆମ୍ବିଠି ଗ୍ରାମଦେଇ ଢେଙ୍କାନାଳ ଜିଲାକୁ ହାତୀପଲ ପ୍ରବେଶ କରିଛନ୍ତି। ଫଳରେ ସମ୍ପୃକ୍ତ ଅଞ୍ଚଳର ଚାଷୀ ଚିନ୍ତାରେ ପଡ଼ିଛନ୍ତି। ଶୁକ୍ରବାର ସୁଦ୍ଧା ଜିଲାରେ ୩୨୬ ହାତୀ ରହିଛନ୍ତି। ତନ୍ମଧ୍ୟରୁ କେବଳ ହିନ୍ଦୋଳ ରେଞ୍ଜରେ ୨୨୫ ହାତୀ ଥିବା ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ଏ ସଂକ୍ରାନ୍ତରେ ଜିଲା ବନଖଣ୍ଡ ଅଧିକାରୀ ଡ. ପ୍ରକାଶଚାନ୍ଦ ଗୋଗିନେନି କୁହନ୍ତି, ୫୫ନଂ. ଜାତୀୟ ରାଜପଥରେ ଯାତ୍ରୀ ଓ ଯାନବାହନର ସୁରକ୍ଷା ପାଇଁ ପରୀକ୍ଷାମୂଳକ ଭାବେ ଲାଗିଥିବା ସିଗନାଲ ଓ ରେଡ୍‌ଲାଇଟରେ ବର୍ଷାପାଣି ପଶି ଖରାପ ହୋଇଯାଇଛି। ଏହାକୁ ମରାମତି କରିବାକୁ କୋଏମ୍ବାଟୁରର ସମ୍ପୃକ୍ତ ସଂସ୍ଥାକୁ ସୂଚନା ଦିଆଯାଇଛି।

# ବନ୍ଦ କୋଠରିରେ ବିଦ୍ୟୁତ୍ ମହୋତ୍ସବ

**କାମାକ୍ଷାନଗର, ୨୯।୭(ଡି.ଏନ୍.ଏ.)**



କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

■ଅଧିକାରୀ କହିପାରିଲେନି ଲକ୍ଷ୍ୟ, ଉଦ୍ଦେଶ୍ୟ
■ବିନା ସୂଚନାରେ କାର୍ଯ୍ୟକ୍ରମକୁ ନେଇ ଅସନ୍ତୋଷ

ସ୍ୱାଧୀନତାର ୭୫ ବର୍ଷ ତଥା 'ଆଜାଦୀ କି ଅମୃତ ମହୋତ୍ସବ' ଉପଲକ୍ଷେ ସବୁଆଡ଼େ ପାଳିତ ହେଉଛି ବିଦ୍ୟୁତ୍ ମହୋତ୍ସବ। ବିଜୁଳି ଶକ୍ତିର ଉଚିତ ବ୍ୟବହାର, ଯୋଗାଣ, ସଂରକ୍ଷଣ, ସତର୍କତା ପାଳନ ଆଦି ବିଷୟରେ ସଚେତନ କରିବା ଏହାର ଲକ୍ଷ୍ୟ। ଏଥିରେ ଯେତେ ବିଦ୍ୟୁତ୍ ଉପଭୋକ୍ତା ଯୋଡ଼ି ହେବେ, ଏହି କାର୍ଯ୍ୟକ୍ରମର ସୁଫଳ ସେତିକି ସୁଦୂରପ୍ରସାରୀ ହୋଇପାରିବ। ହେଲେ ଢେଙ୍କାନାଳ ଜିଲା କାମାକ୍ଷାନଗର କଲ୍ୟାଣମଣ୍ଡପର ଏକ ବନ୍ଦ ପ୍ରକୋଷ୍ଠରେ ଶୁକ୍ରବାର କାର୍ଯ୍ୟକ୍ରମ ପାଳନ କରାଯିବାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ହାତ ଗଣତି ଅଧିକାରୀଙ୍କୁ ନେଇ ଏହାର ଆୟୋଜନ କରାଯାଇଥିବାବେଳେ ସହରର ବିଦ୍ୟୁତ୍ ଗ୍ରାହକଙ୍କ ନିକଟରେ ଏହାର ସାମାନ୍ୟତମ ସୂଚନା ନ ଥିଲା। ସବୁଠାରୁ ବଡ଼ କଥା, କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ଏନ୍‌ଟିପିସି, ଟାଟାପାୱାର, ଓପିଟିସିଏଲ୍‌ର ଅଧିକାରୀମାନେ ଗଣମାଧ୍ୟମ ସମ୍ମୁଖରେ ଏହାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ କହି ନ ପାରିବା ଅଡୁଆ ପରିସ୍ଥିତି ସୃଷ୍ଟି କରିଥିଲା। ବାରମ୍ବାର ପ୍ରଶ୍ନ କରିବା ପରେ ଜିଲାପାଳ ସମସ୍ତ ତଥ୍ୟ ଦେବେ କହି ସେମାନେ ପ୍ରସଙ୍ଗ ଏଡ଼ାଇ ଯାଇଥିଲେ। ଏଭଳି ଏକ ଅଭିନବ ସରକାରୀ କାର୍ଯ୍ୟକ୍ରମକୁ ଉପରଠାଉରିଆ ଭାବେ ପାଳନ କରାଯିବାକୁ ନେଇ ବୁଦ୍ଧିଜୀବୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଜିଲା ପରିଷଦ ସଭାନେତ୍ରୀ ଅର୍ଚ୍ଚନା ପୁହାଣ, ଉପାଧ୍ୟକ୍ଷା ବିଳାସିନୀ ସେଠୀ, କାମାକ୍ଷାନଗର ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, କଙ୍କଡ଼ାହାଡ଼ ବ୍ଲକ ପୂର୍ବତନ ଅଧ୍ୟକ୍ଷ କାର୍ତ୍ତିକ ସାହୁ, ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ସେଠୀ, ଉପଜିଲାପାଳ ଜ୍ୟୋତିଶଙ୍କର ସାହୁ, ବିଡିଓ ବିକାଶ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

